ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୯ ଏପ୍ରିଲ, ୨୦୨୩

**ରାମଚରିତ ମାନସ ପାରାୟଣ**

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉଡାରରେ ଚାଲିଥିବା ରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍ଯାପିତ ହୋଇଯାଇଛି। ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ୩୦ ତାରିଖରୁ ଚାଲିଥିବା ପାରାୟଣରେ କର୍ତ୍ତାଭାବେ ଶୁଶାନ୍ତ ନାଏକ ଓ ପ୍ରଭାସିନୀ ନାଏକ ଦାୟିତ୍ୱ ନିର୍ବାହ କରିଥିଲେ। ପାରାୟଣ ବ୍ୟାସଭାବେ ବିଶ୍ୱ କଲ୍ୟାଣ ପୂଜାହାରୀ ଯୋଗଦେଇଥିଲେ। କମିଟି ସଭାପତି ପୃଥ୍ୱିରାଜ ଗରିଆ ତଥା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ସରିଲା ରିମାଣ୍ଡ ଅବଧି, ଜେଲ ଫେରିଲେ ୪ଅଭିଯୁକ୍ତ

ବଲାଙ୍ଗୀର ଅଫିସ, ୮।୪

ଜାଲ୍ ସାର୍ଟିଫିକେଟ୍ ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ତିନିଦିନିଆ ରିମାଣ୍ଡ ଅବଧି ସରିବା ପରେ ଶନିବାର ଅପରାହ୍ଣରେ କ୍ରାଇମବ୍ରାଞ୍ଚ ଟିମ୍ ଦୁଇ ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର, ଆଲୋକ ରଞ୍ଜନ ଉଦ୍‌ଗାତା, ଦୁଇ ଜାଲ୍ ସାର୍ଟିଫିକେଟ୍ ବ୍ୟବହାରକାରୀ ତ୍ରିବିହାରୀ ପଣ୍ଡା ଓ ପରେଶ ବୁଡେକଙ୍କୁ ସ୍ଥାନୀୟ ଏସ୍‌ଡିଜେଏମ କୋର୍ଟରେ ହାଜର କଲା ପରେ ଜିଲା କାରାଗାରକୁ ନେଇ ଛାଡିଥିଲା। ଶୁକ୍ରବାର ବିଳମ୍ବିତ ରାତିରେ ଅଭିଯୁକ୍ତ ଆଲୋକ ରଞ୍ଜନ ଉଦ୍‌ଗାତା ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ଆଇସିୟୁରେ ଭର୍ତ୍ତି କରିଥିଲେ। ଶନିବାର ସୁସ୍ଥ ହେବା ପରେ ତାଙ୍କୁ ତଦନ୍ତକାରୀ ଟିମ୍ ଏସ୍‌ଡିଜେଏମ୍ କୋର୍ଟ ନେଇଥିଲା।

ଗଣମାଧ୍ୟମ ପ୍ରତିନିଧି କ୍ରାଇମବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ରଙ୍କୁ ପଚାରିବାରୁ ସେ କହିଥିଲେ ଯେ, କ୍ରାଇମବ୍ରାଞ୍ଚ ହାତରେ ଜାଲ୍ ସାର୍ଟିଫିକେଟ୍ ମାମଲାରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲାଗିଛି। ଏହା ଉପରେ କ୍ରାଇମବ୍ରାଞ୍ଚ କାମ କରିବ। ଅନେକ କିଛି ତଥ୍ୟ ମିଳିଛି, ତେବେ ସେସବୁ କହିହେବନାହିଁ। ଏହା ଏକ ବହୁତ ବଡ ମାମଲା। ଏହା ଖୋଳତାଡ କରିବା ପାଇଁ ସମୟ ଲାଗିବ। ଏବେବି ଆକ୍ସନ ଚାଲିଛି। ରବିବାରଠାରୁ ଆକ୍ସନ ଆହୁରି ଜୋରଦାର ହେବ ବୋଲି ସେ କହିଥିଲେ। କ୍ରାଇମବ୍ରାଞ୍ଚ ଏହି ମାମଲାରେ ଶିଥିଳ ପଡିଯିବନି ତ ବୋଲି ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିବାରୁ ଆଦୌ ନୁହେଁ ବୋଲି ଡିଏସ୍‌ପି ଚକ୍ର କହିଥିଲେ।

ଜାଲ୍ ସାର୍ଟିଫିକେଟ ମାମଲାର ୪ ଅଭିଯୁକ୍ତଙ୍କୁ ଗତ ୫ ତାରିଖ ତିନିଦିନିଆ ରିମାଣ୍ଡରେ କ୍ରାଇମବ୍ରାଞ୍ଚ ଟିମ୍ ନେଇଥିଲା। କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରାଇମବ୍ରାଞ୍ଚ ଟିମ୍ ଏହି ୪ ଅଭିଯୁକ୍ତଙ୍କୁ ମୁହାଁମୁହିଁ ଜେରା କରିଥିଲା। ଜେରା ସମୟରେ ଜାଲ୍ ସାର୍ଟିଫିକେଟ୍ କିଣି ଚାକିରି ଆବେଦନ କରିଥିବା ତ୍ରିବିହାରୀ ପଣ୍ଡା ଏବଂ ପରେଶ ବୁଡେକ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ କ୍ରାଇମବ୍ରାଞ୍ଚଙ୍କୁ ଦେଇଥିବା ଜଣାପଡିଛି। ଏହା ସହିତ ଅଭିଯୁକ୍ତ ମନୋଜ ଏବଂ ଆଲୋକଙ୍କୁ ପଚରାଉଚରା ବେଳେ କିଭଳି ସେମାନେ ଜାଲ୍ ସାର୍ଟିଫିକେଟ୍ କାରବାର କରୁଥିଲେ ଏବଂ ଏହାର କେତେ ବଡ ନେଟୱର୍କ ରହିଛି ତାକୁ କ୍ରାଇମବ୍ରାଞ୍ଚଙ୍କୁ ଜଣାଇଥିବା ଜଣାପଡିଛି। କେଉଁମାନେ ଜାଲ ସାର୍ଟିଫିକେଟ ନେଇ ବିଭିନ୍ନ ବିଭାଗରେ ସରକାରୀ ଚାକିରି କରୁଛନ୍ତି ଏବଂ କେଉଁମାନେ ଜାଲ୍ ସାର୍ଟିଫିକେଟ ବ୍ୟବହାର କରି ଉଚ୍ଚଶିକ୍ଷା ଲାଭ କରିଛନ୍ତି ସେନେଇ ମଧ୍ୟ କ୍ରାଇମବ୍ରାଞ୍ଚଙ୍କୁ ନିର୍ଦ୍ଦିଷ୍ଟ ସୂଚନା ମିଳିଛି। ଜାଲ୍ ସାର୍ଟିଫିକେଟ ରାକେଟରେ ଯେଉଁମାନେ ସମ୍ପୃକ୍ତ ସେ ସଂକ୍ରାନ୍ତରେ ମଧ୍ୟ ଉପରୋକ୍ତ ୪ଅଭିୁକ୍ତଙ୍କଠାରୁ ନିର୍ଦ୍ଦିଷ୍ଟ ସୂଚନା ମିଳିଛି। ଉକ୍ତ ସୂଚନା ଆଧାରରେ ପର୍ଯ୍ୟାୟକ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କ୍ରାଇମବ୍ରାଞ୍ଚ କହିଛି।

କ୍ରାଇମବ୍ରାଞ୍ଚର ଅନ୍ୟ ଏକ ଟିମ୍ ଇନ୍ସପେକ୍ଟର ମମତାରାଣୀ ପଣ୍ଡାଙ୍କ ନେତୃତ୍ୱରେ ବଲାଙ୍ଗୀର ଟାଉନ୍ ଥାନାରେ ଦୁଇ ମୁଖ୍ୟ ଅଭିଯୁକ୍ତ ମନୋଜ ଓ ଆଲୋକଙ୍କ ସ୍ତ୍ରୀଙ୍କୁ ଘନ ଘନ ପଚରାଉଚରା କରିଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଜାଲ ସାର୍ଟିଫିକେଟ କାରବାରର ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ୫ଟି ପ୍ଲଟ୍ ଏବଂ ପ୍ରାୟ ଦେଢ଼କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଆକଳନ କରାଯାଇଥିବା ଜଣାପଡିଛି। ମନୋଜଙ୍କ ୫ପ୍ଲଟ ସଂକ୍ରାନ୍ତରେ କୌଣସି କିଣାବିକା ନ କରିବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ବଲାଙ୍ଗୀର ସବରେଜିଷ୍ଟ୍ରାରଙ୍କୁ କୁହାଯାଇଛି। ଜାଲ୍ ସାର୍ଟିଫିକେଟ ରାକେଟ କାରବାରରୁ ମିଳିଥିବା ଅର୍ଥରେ ଅଭିଯୁକ୍ତ ଏହିସବୁ ପ୍ଲଟ କିଣିଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଆବଶ୍ୟକ ପଡିଲେ କ୍ରାଇମବ୍ରାଞ୍ଚ ପୁଣି ଥରେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ଡିଏସ୍‌ପି ଚକ୍ର କହିଛନ୍ତି।



ରିମାଣ୍ଡ ଅବଧି ସରିବା ପରେ କ୍ରାଇମବ୍ରାଞ୍ଚ ଟିମ୍ ଅଭିଯୁକ୍ତଙ୍କୁ ବଲାଙ୍ଗୀର ଜିଲା କାରାଗାରକୁ ନେଉଛି।

**ଜାଲ୍ ସାର୍ଟିଫିକେଟ୍ ମାମଲା**

- ବହୁ ତଥ୍ୟ ମିଳିଛି, ଆଗକୁ ଜୋରଦାର କାର୍ଯ୍ୟାନୁଷ୍ଠାନ: ଡିଏସ୍‌ପି

## ବଜ୍ରପାତରେ ମୃତକଙ୍କ ପରିବାରକୁ ଭେଟିଲେ ବିଜେଡି ଜିଲା ସଭାପତି

କୋକସରା/ବେହେରା,୮।୪(ଡି.ଏନ.ଏ.)

ଚାଷ ଜମିକୁ କାମ କରିବାକୁ ଯାଇଥିବା ବେଳେ ଗତ ଗୁରୁବାର ଅପରାହ୍ଣରେ ବଜ୍ରପାତରେ କଳାହାଣ୍ଡି ଜିଲା କୋକସରା ଥାନା ଧଅଁରପୁର ପଞ୍ଚାୟତ ଆମ୍ବଗୁଡା ଗାଁର ମହେନ୍ଦ୍ର ଧରୁଆଙ୍କ ପୁଅ ପ୍ରଦୀପ (୨୦)ଙ୍କ ମୃତ୍ୟୁ ଘଟିଥିଲା । ତାଙ୍କ ସହ ଥିବା ଅନ୍ୟ ଜଣେ ଯୁବକ ଯୋଗେଶ୍ୱର ମାଝୀ (୨୪) ଗୁରୁତର ହୋଇଥିଲେ। ଏହି ଖବର ଶୁଣିବା ପରେ ଧର୍ମଗଡ଼ ଦଣ୍ଡପାଟ ଅଞ୍ଚଳ ଗସ୍ତରେ ଶନିବାର କଳାହାଣ୍ଡି ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଯାଇଥିବା ବେଳେ ଦଳୀୟ କର୍ମକର୍ତ୍ତାଙ୍କ ସହ ମୃତ ଯୁବକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସରକାରୀ ସ୍ତରରେ ରହିଥିବା କ୍ଷତିପୂରଣ ଅର୍ଥ ଶୀଘ୍ର କେମିତି ମିଳିବ ସେନେଇ ବ୍ୟବସ୍ଥା କରିବା ପାଇଁ ପୀଡିତ ପରିବାରକୁ ପ୍ରତିଶ୍ରୁତି ଦେଇଛନ୍ତି। ଜିଲ୍ଲା ସଭାପତିଙ୍କ ସହ ଜିଲା ପରିଷଦ ସଭ୍ୟ ଶଙ୍କର ଜୁଏଡ଼, ପ୍ରଶାନ୍ତ ତିୱାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝାରି, ଗୌର ଛତ୍ରିଆ, ମଣ୍ଟୁ ଅଗ୍ରୱାଲ, ଜଗା ସାହୁ, ଆଶୁତୋଷ ପୁରୋହିତ, ଶିବରାମ ପାତ୍ର ପ୍ରମୁଖ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ପାଇପ ଜଳ ପାଇବାରୁ ବଞ୍ଚିତ ଗ୍ରାମବାସୀ



କରୁଆଁଝରର ଜଳ ଯୋଗାଣ ପ୍ରକଳ୍ପ।

- ଫେଲ ମାରିଲା ପ୍ରକଳ୍ପ
- ନୂଆ ପ୍ରକଳ୍ପ ପାଇଁ ଟେଣ୍ଡର ହୋଇଛି: ଯନ୍ତ୍ରୀ

ଲାଠୋର, ୮।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସଦର ଗ୍ରାମ କରୁଆଁଝରରେ ଏବେ ଘୋର ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗାଁରେ ରହିଛି ଜଳ ଯୋଗାଣ ପ୍ରକଳ୍ପ। ହେଲେ ବିଭିନ୍ନ କାରଣରୁ ଗତ ୫ବର୍ଷ ହେବ ଜଳଯୋଗାଣ ହେଉ ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିଯୋଗୁ ୪ ୱାର୍ଡ଼ ବିଶିଷ୍ଟ ଏହି ଗ୍ରାମର ୩ ହଜାରରୁ ଊର୍ଦ୍ଧ୍ୱ ବାସୀନ୍ଦା ସ୍ୱଚ୍ଛ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ପ୍ରକଳ୍ପ ନିର୍ମାଣ କରି ପାଇପ ଯୋଗେ କରୁଆଁଝରର ପୁଟେଲପଡ଼ା, ଦଳିତପଡ଼ା, ମାଲପଡ଼ା, ବସ୍ତିପଡ଼ା, ଖେତପଡ଼ା, ତଲିପଡ଼ାକୁ ଷ୍ଟାଣ୍ଡପୋଷ୍ଟ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲା। ହେଲେ ମୋଟର ଚୋରି ହୋଇଯିବା ପରଠାରୁ ଜଳଯୋଗାଣ ବନ୍ଦ ରହିଛି। ପଞ୍ଚାୟତ କର୍ତ୍ତୃପକ୍ଷ ଲାଠୋର ଥାନାରେ ଏତଲା ଦେଇ ଚୁପ୍ ବସିଛନ୍ତି। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ଜଳଯୋଗାଣ ବନ୍ଦ ରହିବାରୁ ଗ୍ରାମର ବିଭିନ୍ନ ସ୍ଥାନରେ ଥିବା ଷ୍ଟାଣ୍ଡପୋଷ୍ଟ ଓ ପାଣି ପାଇପ ଫାଟି ଯାଇଛି। ଗ୍ରାମବାସୀ ଏ ନେଇ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ଜଳଯୋଗାଣ ବିଭାଗକୁ ଜଣାଇଲେ ମଧ କୌଣସି ସୁଫଳ ମିଳିନାହିଁ। ଫଳରେ ଗ୍ରାମବାସୀ ନଳକୂପ ତଥା ଖୋଲା କୂଅର ପାଣି ବ୍ୟବହାର କରୁଛନ୍ତି। ଏନେଇ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ପଚାରିବାରୁ ଖୁବଶୀଘ୍ର କରୁଆଁଝର ଗ୍ରାମରେ ଏକ ନୂତନ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ହେବ। ସେଥିପାଇଁ ଟେଣ୍ଡର ସରି ଯାଇଛି ବୋଲି କହିଥିଲେ।

## ପାଞ୍ଚଦିନ ହେବ ହରିଶଙ୍କର ମହୋତ୍ସବ

ଖପ୍ରାଖୋଲ,୮।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ହେବାକୁ ଥିବା ହରିଶଙ୍କର ମହୋତ୍ସବ ତଥା ନୃସିଂହ ଚତୁର୍ଦ୍ଦଶୀ ବୈଶାଖୀ ମେଳା ଚଳିତ ବର୍ଷ ପାଞ୍ଚ ଦିନ ଧରି ହେବ। ଅନ୍ୟ ବର୍ଷ କେବଳ ତିନି ଦିନ ଧରି ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଅଞ୍ଚଳବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ୫ ଦିନ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିବା ପାଟଣାଗଡ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ ବିଜୟାନନ୍ଦ ସେଠୀ ପ୍ରକାଶ କରିଛନ୍ତି। ଆଗାମୀ ମେ ୧ରୁ ୫ ତାରିଖ ଯାଏ ନୃସିଂହ ଚତୁର୍ଦ୍ଦଶୀ ବୈଶାଖୀ ମେଳା ତଥା ହରିଶଙ୍କର ମହୋତ୍ସବ ହେବ। ଏନେଇ ପାଟଣାଗଡ ଉପ ଜିଲାପାଳ ଏକ ଲୋଗୋ ଉନ୍ମୋଚନ କରିଛନ୍ତି।

## ଲଡୁଗାଁ ହନୁମାନ ଜନ୍ମୋତ୍ସବ ପାଳିତ

କୋକସରା,୮।୪(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁଠାରେ ଥିବା ବଜରଙ୍ଗବାଲି ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ମନ୍ଦିର କମିଟି ପକ୍ଷରୁ ଜୟନ୍ତୀ ପାଳନ ଅବସରରେ ସ୍ୱତନ୍ତ୍ର ପୂଜାବିଧି କରାଯାଇଥିଲା। ହନୁମାନଙ୍କ ମୁଖ୍ୟ ପୂଜକ ବିଶି କେଶନ ଠାକୁର ଓ ଉମା ଶଙ୍କର ଶର୍ମା ହନୁମାନ ଜନ୍ମୋତ୍ସବର ସମସ୍ତ ପୂଜାବିଧି ତୁଲାଇଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତମାନେ ଦର୍ଶନ କରିଥିଲେ । ଏହି ଅବସରରେ ଜଳସମ୍ପଦ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ , ବିଜେଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, କୋକସରା ବ୍ଲକ ଅଧ୍ୟକ୍ଷା ରିତା ଅଗ୍ରୱାଲ, ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ସନ୍ଧ୍ୟାରେ ମନ୍ଦିରକୁ ଯାଇ ଦର୍ଶନ କରିବା ସହ ହନୁମାନ ଭଜନ ସଂକୀର୍ତ୍ତନରେ ଭାଗ ନେଇଥିଲେ। ଲଡୁଗାଁ ହନୁମାନ ମହୋତ୍ସବ କମିଟିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମାଝୀ, ପୁନମ ଚନ୍ଦ୍ର ଗୋୟଲ, ରଞ୍ଜିତ ଅଗ୍ରୱାଲ, ଅମର ଅଗ୍ରୱାଲ, ଶ୍ରୀକାନ୍ତ ଶର୍ମା, ତ୍ରିଲୋଚନ ଅଗ୍ରୱାଲ, ପବନ ଅଗ୍ରୱାଲ, ରାଜେନ୍ଦ୍ର ଦାସ, ପ୍ରିନ୍ସ ଅଗ୍ରୱାଲ, ଗୌତମ ଅଗ୍ରୱାଲ, ବାଲ ମୁକୁନ୍ଦ ଅଗ୍ରୱାଲ, ସଞ୍ଜୟ ସିଙ୍ଘଲ, ମନୋଜ ଅଗ୍ରୱାଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲାପାଳଙ୍କୁ ଭେଟିଲେ ଲନବଲ ଚାମ୍ପିୟନ ଦଳ

ବଲାଙ୍ଗୀର ଅଫିସ, ୮।୪

କଟକ ଜବାହାର ଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ଆନ୍ତଃ ଜିଲା ଲନ୍ ବଲସ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲ୍ଲାର ଖେଳାଳିମାନେ ଚାମ୍ପିୟନ ହୋଇଛନ୍ତି। ସେମାନେ ୬ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ଜିତିଛନ୍ତି। ଏହି ଟିମ୍ ସଦସ୍ୟମାନେ ବଲାଙ୍ଗୀର ପହଞ୍ଚିବା ପରେ ଜିଲାପାଳ ଚଞ୍ଚଳ ରାଣା ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଉଜ୍ଜ୍ୱଳ କ୍ରୀଡା ଭବିଷ୍ୟତ କାମନା କରିଛନ୍ତି। ଏହି ପ୍ରତିଯୋଗିତାରେ ଓଡିଶାର ୧୭ଟି ଜିଲାର ୨୫୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। ବଲାଙ୍ଗୀର ଜିଲ୍ଲା ଲନ ବଲ ସଂଘ ତରଫରୁ ସାତ ଜଣ ମହିଳା ଏବଂ ସାତ ଜଣ ପୁରୁଷ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଖେଳାଳିମାନେ ବଲାଙ୍ଗୀର ଆରଏନ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ କୋଚ କୈଳାସ ମାଝିଙ୍କ ପ୍ରଶିକ୍ଷଣରେ ତାଲିମ ନେଉଥିଲେ। ପୁରୁଷ ସିଙ୍ଗଲରେ ନରସିଂହ ରାଣା ରୌପ୍ୟ, ପିଆରରେ କୈଳାସ ମାଝି ସ୍ୱର୍ଣ୍ଣ, ସୋରଫ ରଞ୍ଜନ ମହାରଣ ତ୍ରିପଲରେ ସ୍ୱର୍ଣ୍ଣ, ନରସିଂହ ରାଣା, ଦୀନେଶ ନନ୍ଦ, ଲଳିତ ଶର୍ମା, ଫୋରସରେ କଂସ୍ୟ, କୈଳାସ ମାଝି, ସୋରଫ ରଞ୍ଜନ ମହାରଣା, ଲଳିତ ଶର୍ମା, ରିଙ୍କୁ ନାଏକ ମହିଳା ସିଙ୍ଗଲରେ ସ୍ୱର୍ଣ୍ଣ, ଶ୍ୱେତଲନା ବକ୍ସି ପିଆରରେ ସ୍ୱର୍ଣ୍ଣ, ପଦ୍ମଶିନୀ ପୁଟେଲ, ରୋଶନୀ ସାହୁ ତ୍ରିପଲରେ କଂସ୍ୟ, ଶ୍ୱେତଲନା ବକ୍ସି, ରାଜେଶ୍ୱରୀ ସେଠ, ରୋହିଣୀ ନାଏକ, ଫୋରସରେ ସ୍ୱର୍ଣ୍ଣ, ସାଇନା ନାଏକ, ବିଷ୍ଣୁପ୍ରିୟ ବହିଦାର, ପ୍ରତିମା ସେଠ, ପଦ୍ମସିନୀ ପୁଟେଲ ପଦକ ହାସଲ କରିଛନ୍ତି। ଜିଲାପାଳ କାର୍ଯ୍ୟାଳୟକୁ ଯାଇ ଏହି ପଦକ ବିଜେତାମାନେ ଜିଲାପାଳ ରାଣାଙ୍କୁ ଭେଟିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ପରାସର ବାଗ ଏବଂ ରାଜ୍ୟ ଲନ ବଲ ସଂଘ ସାଧାରଣ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଏହି ଅବସରରେ ଉପସ୍ଥିତ ଥିଲେ।



ରାଜ୍ୟ ଲନ୍ ବଲ ଚାମ୍ପିୟନ ଟିମ୍ ସହ ଜିଲାପାଳ ଚଞ୍ଚଳ ରାଣା।

- ବଲାଙ୍ଗୀରକୁ ମିଳିଲା ୫ ସ୍ୱର୍ଣ୍ଣ, ୨ ରୌପ୍ୟ, ୧ କାଂସ୍ୟ ପଦକ
- ଜେଏସଏମ କଲେଜକୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ପଦକ

## ପ୍ରତିବାଦ ପରେ ଅସୁଲ ଟଙ୍କା ଫେରାଇବାକୁ କହିଲେ

- ନାମ ଲେଖା ପାଇଁ ଟଙ୍କା ଅସୁଲି

ଟିଟିଲାଗଡ଼, ୮।୪(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଘଣ୍ଟବାହାଲି ସରକାରୀ ହାଇସ୍କୁଲରେ ପିଲାଙ୍କ ନାମ ଲେଖା ପାଇଁ ଟଙ୍କା ଅସୁଲ କରାଯିବାକୁ ନେଇ ଶନିବାର ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉପଜିଲାପାଳଙ୍କ ନିକଟରେ ଏ ନେଇ ଅଭିଭାବକଙ୍କ ଅଭିଯୋଗ ପରେ ନାମଲେଖା ପାଇଁ ଟଙ୍କ ନିଆଯିବ ନାହିଁ ଏବଂ ଅସୁଲ କରାଯାଇଥିବା ଟଙ୍କା ଫେରସ୍ତ କରାଯିବ ବୋଲି ପ୍ରଧାନଶିକ୍ଷକ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ବିଦ୍ୟାଳୟରେ ନବମ ଶ୍ରେଣୀ ପାଇଁ ନାମ ଲେଖା ଆରମ୍ଭ ହୋଇଛି। ଜଣେ ଛାତ୍ର ପିଛା ବିନା ରସିଦରେ ୫୫୦ ଟଙ୍କା ଲେଖାଏ ଅସୁଲ କରାଯାଉଥିଲା। ଅନ୍ୟଥା ପିଲାଙ୍କୁ ଫେରାଇ ଦିଆଯାଉଛି। ଏହାକୁ ନେଇ କେତେକ ଅଭିଭାବକ ସ୍ଥାନୀୟ ସରପଞ୍ଚ ମିଳି ସାହୁଙ୍କୁ ଫେରାଦ ହୋଇଥିଲେ। ଆଜି ଏନେଇ ସରପଞ୍ଚ ପ୍ରତିନିଧି କିଶୋର ସାହୁ ଅଭିଭାବକଙ୍କ ସହ ବିଦ୍ୟାଳୟକୁ ଆସି ସରକାରୀ ବିଦ୍ୟାଳୟରେ ମାଗଣା ଶିକ୍ଷା ବ୍ୟବସ୍ଥା ଥିବା ବେଳେ କାହିଁକି ଟଙ୍କା ଅସୁଲ କରାଯାଉଛି ବୋଲି ପଚାରିଥିଲେ। ପ୍ରଧାନଶିକ୍ଷକଙ୍କ ନିର୍ଦ୍ଦେଶନୁସାରେ ଏପରି କରାଯାଉଥିବା ଆଡ଼ମିସନ ଦାୟିତ୍ୱରେ ଥିବା ଶିକ୍ଷକ କହିଥିଲେ। ଅନ୍ୟପଟରେ ଜଣେ ଶିକ୍ଷକ ପ୍ରଧାନଶିକ୍ଷକ ପିତାମ୍ବର ଛତରଙ୍କୁ ଫୋନ କରିବାରୁ ଆମେ ୪୦ଜଣ ପିଲାଙ୍କୁ ହିଁ ଆଡ଼ମିଶନ କରିବୁ ବୋଲି କହିଥିଲେ। ଅନ୍ୟପକ୍ଷରେ ପ୍ରତ୍ୟେକ ବର୍ଷ ନବମ ଏବଂ ଦଶମ ଶ୍ରେଣୀ ଥିବା ଏହି ବିଦ୍ୟାଳୟରେ ନବମ ଶ୍ରେଣୀରେ ଶହେରୁ ଊର୍ଦ୍ଧ୍ୱ ପିଲାଙ୍କ ନାମ ଲେଖା ହେଉଥିବା ବେଳେ ଚଳିତ ଥର ପ୍ରଧାନଶିକ୍ଷକଙ୍କ ନୂଆ ଆଇନ ପ୍ରଚାର ହେବା ପରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ସ୍ଥାନୀୟ ଲୋକେ ଟିଟିଲାଗଡ଼ ଉପଜିଲାପାଳଙ୍କୁ ଅବଗତ କରିଥିଲେ। ପ୍ରଧାନଶିକ୍ଷକ ପରେ ସ୍କୁଲକୁ ଆସିଥିବା ବେଳେ ଅଭିଭାବକଙ୍କ ସହ ବଚସା ହୋଇଥିବା ଦେଖାଯାଇଥିଲା। ଶେଷରେ ମାଗଣାରେ ଆଡ଼ମିଶନ ହେବ ଏବଂ ଯାହାଙ୍କଠାରୁ ଟଙ୍କା ଅସୁଲ ହୋଇଛି ଫେରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ସନ୍ଥ ରବି ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ





ଆଟଗାଁରେ ସନ୍ଥ ଶିରୋମଣି ରବି ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସଭାରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର ଅଫିସ, ୮।୪

ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ଆଟଗାଁସ୍ଥିତ ରବିଦାସ ନଗରରେ ସନ୍ଥ ଶିରୋମଣି ରବି ଦାସଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ରବିଦାସ ନଗରରେ ଏକ କମ୍ୟୁନିଟି ଗୃହ ନିର୍ମାଣ କରିବା ପାଇଁ ତାଙ୍କ ବିଧାୟକ ପାଣ୍ଠିରୁ ୩ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏହା ସହିତ ରାସ୍ତା ଉନ୍ନତିକରଣ, ପୋଖରୀ ପୁନରୁଦ୍ଧାର, କୁଟୀର ଶିଳ୍ପକୁ ପ୍ରୋତ୍ସାହନ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସହାୟତା ତଥା ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅତିଥି ଭାବେ ପଞ୍ଚାୟତ ସରପଞ୍ଚ ଶାଳିନୀ ସେଠ, ସମିତି ସଭ୍ୟା ଅନିତା ସୁନା, ଓଡିଶା ରବିଦାସ ସମାଜ ରାଜ୍ୟ ଉପସଭାପତି ବିଜୟ ମେହେର, ଅଧ୍ୟାପକ ମଦନ ମୋହନ, ଶିକ୍ଷକ ମନୋଜ ଭରାସାଗରିଆ, ଅମିନ୍ଦ୍ର ମେହେର ଓ ଶ୍ରୀରାମ ମେହେର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଗଜମଣି ବାଗ ପରିଚାଳନା କରିଥିଲେ। ଆଗାମୀ ଦିନରେ ଓଡିଶାର ସବୁ ରବିଦାସ ପରିବାର ବସବାସ କରୁଥିବା ପଡା ଓ ଗାଁରେ ସନ୍ଥ ରବିଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ସହ ସମାଜରେ ସାମାଜିକ ଚେତନା, କ୍ରାନ୍ତି, ଶିକ୍ଷାର ଉନ୍ନତି ଓ ବୈଷୟିକ ଉନ୍ନତି ଅଣାଯିବା ପାଇଁ ସମାଜ କାମ କରିବ ବୋଲି ଅତିଥିମାନେ କହିଥିଲେ।

# ଅଦିନିଆ ବର୍ଷା ଉଜାଡିଲା ପରିବା ଚାଷ

ଦେଓଗାଁ, ୮।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁରେ ଅଦିନିଆ ବର୍ଷା ଓ ତୁଷାରପାତରେ ପରିବା ସମେତ ବିଭିନ୍ନ ଚାଷ ନଷ୍ଟ ହୋଇଛି । ପନିପରିବା ସାଙ୍ଗକୁ ମୁଗ, ବିରି, କୋଳଥ ଆଦି ଡାଲି ଜାତୀୟ ଫସଲ ମଧ୍ୟ ଉଜୁଡିଯାଇଥିବା ନଜରକୁ ଆସିଛି । କିଛିଦିନ ହେଲା ଦେଓଗାଁ ବ୍ଲକର ଉପରଝର, ମକୁନ୍ଦପୁର, ମହଲାଇ ଆଦି ପଞ୍ଚାୟତରେ ଝଡତୋଫାନ ସାଙ୍ଗକୁ ବର୍ଷା ଓ କୁଆ ପଥର ମାଡ ଯୋଗୁ ପରିବା ଚାଷ ଉଜୁଡି ଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଉପରଝର ପଞ୍ଚାୟତ ଅନ୍ତର୍ଗତ କୁହିମୁଣ୍ଡା ଗାଁର ୩୨ରୁ ଊର୍ଦ୍ଧ୍ୱ ପରିବାର ପରିବାଚାଷ କରିଥାନ୍ତି। ଚଳିତ ବର୍ଷ ଗାଁର ବହୁଚାଷୀ ବନ୍ଧାକୋବି, ଫୁଲକୋବି,ବାଇଗଣ, ଝୁଡଙ୍ଗ, କଲରା, ଗୁଆଶିମ୍ବ, ଲଙ୍କା ଚାଷ କରିଥଇଲେ। ହେଲେ ଅଦିନିଆବର୍ଷା ଓ କୁଆ ପଥର ମାଡ ସବୁ ଦାରି ଦେଇଥିବା ଗାଁର ଶ୍ରୀକାନ୍ତ ସାହୁ, ସ୍ୱାଧିନ ସାହୁ, ଶମ୍ଭୁଭୂଷଣ ସାହୁ, ରୋହିତ ସାହୁ, କଟକିଆ ସାହୁ, କ୍ଷୀର ପଧାନ ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ଏହି ସମୟରେ ବ୍ଲକ କୃଷି ବିଭାଗ ଅବା ଉଦ୍ୟାନ ବିଭାଗ କୌଣସି ପ୍ରକାର ସହଯୋଗ କରୁ ନ ଥିବା ଚଷୀମାନେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀ ଅବିଳମ୍ବେ କ୍ଷୟକ୍ଷତିର ଆକଳନ କରି ଚାଷୀଙ୍କୁ ସହାୟତା ଯୋଗାଇ ଦେବା ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।



କୁହିମୁଣ୍ଡାରେ ନଷ୍ଟ ହୋଇଯାଇଥିବା ବନ୍ଧାକୋବି ଚାଷ।

## ବନାଗ୍ନି ସଚେତନତା ଶୋଭାଯାତ୍ରା





ବନାଗ୍ନି ସଚେତନତା ଶୋଭାଯାତ୍ରା ଗାଁ ପରିକ୍ରମା କରୁଛି।

ଟିଟିଲାଗଡ଼, ୮।୪ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଭାଲେଗାଁ ପଞ୍ଚାୟତ ଅନ୍ତର୍ଗତ ପିଟାପଡା ବନ ସୁରକ୍ଷା ସମିତି ପକ୍ଷରୁ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ମିଳିତ ଆନୁକୂଲ୍ୟରେ ବନାଗ୍ନି ସଚେତନତା ସଭା ଏବଂ ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଫୁଲମତି ଏସ୍‌ଏଚ୍‌ଜି ସଭ୍ୟା ମାଧବୀ ଚନ୍ଦନଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଭୁବନ ମାଝି ମୁଖ୍ୟଅତିଥି, ବନ ସୁରକ୍ଷା ସମିତି ସଭାପତି ପ୍ରକୃତି ମିତ୍ର, ରମାକାନ୍ତ ଗହିର ଯୋଗଦେଇ ବନାଗ୍ନି କିଭଳି ବନ୍ୟ ସମ୍ପଦର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରିଚାଲିଛି ସେ ନେଇ ସଚେତନ କରାଯାଇଥିଲା। ଏଥିସହ ବର୍ଣ୍ଣେଇ ସଂରକ୍ଷିତ ଜଙ୍ଗଲକୁ ସୁରକ୍ଷିତ ରଖିବାକୁ ଆହ୍ୱାନ ଦିଆଯାଇଥିଲା। ୱାର୍ଡସଭ୍ୟ କୃଷ୍ଣଚନ୍ଦ୍ର ମାଝି, ପିତାମ୍ବର ସାହୁ, ମା' ସନ୍ତୋଷି, ଜଗତଜନନୀ, ଫୁଲମତି, ମଙ୍ଗଳା ମହିଳା ଗୋଷ୍ଠୀର ରାହାବତୀ ମାଝି, କନକ ସାହୁ, ପିଙ୍କି ଚନ୍ଦନ, ତନୁଜା ଚନ୍ଦନ, ଲତିକା ଚନ୍ଦନ, ନିରୂପମା ଭୋଇ, ଗୀତାଞ୍ଜଳି ବିଶି, ଉଙ୍ଗାପଟା କେନ୍ଦୁପତ୍ର ଫଡିର ମହିଳା ଶ୍ରମିକ ତଥା ଆମ ଜଙ୍ଗଲ ଯୋଜନା ଟିମ୍ ଲିଡର ଅଜୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପରେ ଏନେଇ ସଚେତନତା ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା।

# ଦାବି ପୂରଣ ନ ହେଲେ ଆନ୍ଦୋଳନ

ବଲାଙ୍ଗୀର ଅଫିସ, ୮।୪

ବଲାଙ୍ଗୀର ସହର ମାଲପଡାସ୍ଥିତ ରେଳ ଉପଭୋକ୍ତା ସଂଘ କାର୍ଯ୍ୟାଳୟରେ ଶନିବାର ଜିଲା ରେଳ ଉପଭୋକ୍ତା ସଂଘ କାର୍ଯ୍ୟକାରିଣୀ ବୈଠକ ସଂଘ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସଂଘ ସାଧାରଣ ସମ୍ପାଦକ ନାରାୟଣ ପାଢ଼ୀ ପୂର୍ବ ବୈଠକ ବିବରଣୀ ପ୍ରଦାନ କରିଥିଲେ। ସଂଘ କାର୍ଯ୍ୟକାରିଣୀ ସଦସ୍ୟମାନେ ବିଭିନ୍ନ ବିଷୟରେ ଆଲୋଚନା କରିବା ସହ ନୂଆ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବଲାଙ୍ଗୀର ରେଳ ଷ୍ଟେଶନରେ ଲାଗିବାକୁ ଥିବା ଲିଫ୍ଟର ଟେଣ୍ଡର ପ୍ରକ୍ରିୟା ସରିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଲାଗି ପାରି ନଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ସେହିପରି ବରିଷ୍ଠ ନାଗରିକ ଓ ରୋଗୀମାନଙ୍କ ପାଇଁ ଷ୍ଟେଶନ ଭିତରେ ଏକ ବ୍ୟାଟେରୀ ଚାଳିତ ଗାଡିର ବ୍ୟବସ୍ଥା କରିବା, ବଲାଙ୍ଗୀର-ଖୋର୍ଦ୍ଧା ରେଳ ପ୍ରକଳ୍ପ କାମ ଶୀଘ୍ର ସମାପ୍ତ କରିବା, ଦିଲ୍ଲୀକୁ ବଲାଙ୍ଗୀର ଦେଇ ଟ୍ରେନ ଚଳାଇବା ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ବଲାଙ୍ଗୀର ଏମ୍‌ପି, ରାଜ୍ୟ ସଭା ସାଂସଦଙ୍କ ସମେତ ରେଳ ବିଭାଗ ଅଧିକାରୀଙ୍କୁ ବିଭିନ୍ନ ସମୟରେ ଲିଖିତ ଆକାରରେ ଦାବି ଜଣାଯାଇଛି। କିନ୍ତୁ କିଛି ସୁଫଳ ମିଳି ପାରିନାହିଁ । ତେଣୁ ସଂଘ ଶେଷଥର ପାଇଁ ସମସ୍ତ ପଦାଧିକାରୀଙ୍କୁ ଭେଟିବା ସହ ଲିଖିତ ଆକାରେ ଦାବି ଜଣାଇବ । ତିନିମାସ ମଧ୍ୟରେ ଉପସ୍ଥାପନ କରାଯାଇଥିବା ଦାବିଗୁଡିକ ରେଳ ବିଭାଗ ପୂରଣ ନକଲେ ସଂଘ ଷ୍ଟେଶନରେ ଧାରଣା ଦେବ ବୋଲି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ମେ ମାସ ଶେଷ ସପ୍ତାହରେ ସଂଘର ସାଧାରଣ ପରିଷଦ ବୈଠକ କରାଯିବ। ଏହି ବୈଠକରେ ନୂତନ ପ୍ରସ୍ତାବ ଗୁଡିକକୁ ସର୍ବସମ୍ମତିକ୍ରମେ ଗୃହୀତ କରାଯିବ ବୋଲି ସଭାପତି ମିଶ୍ର ଘୋଷଣା କରିଥିଲେ। ଏହି ବୈଠକରେ ସଂଘ ଉପସଭାପତି ଅଶୋକ କୁମାର ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭାକର ମିଶ୍ର, ମନରଞ୍ଜନ ପୁରୋହିତ, ଛବିଲାଲ ବେହେରା, ଯୁଧିଷ୍ଠିର ମିଶ୍ର, ଗୋପବନ୍ଧୁ ପୁରୋହିତ, ଧର୍ମପଦ ରଥ, ରତ୍ନରାଜ ସିଂ ଉପସ୍ଥିତ ଥିଲେ। କୋଷାଧ୍ୟକ୍ଷ ଅଶୋକ କୁମାର ଚାନ୍ଦ ଆୟବ୍ୟୟର ବିବରଣୀ ପ୍ରଦାନ କରିଥିଲେ।



ରେଳ ଉପଭୋକ୍ତା ସଂଘ କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ସଦସ୍ୟ।

**ବଲାଙ୍ଗୀର ରେଳ ଉପଭୋକ୍ତା ସଂଘ କାର୍ଯ୍ୟକାରିଣୀ ବୈଠକ**

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, डालटनगंज
(E-mail: eercdmedini-jhr@nic.in)

शुद्धि–पत्र

एतद द्वारा सूचित करना है कि इस कार्यालय द्वारा दिनांक–25.03.2023 को विभिन्न समाचार पत्रो के माध्यम से ई–निविदा पत्रांक सं0– **16/ RCD/Daltonganj/ 2022-23/ 347** आमंत्रित की गई है, जिसका **PR No. 293635 Road (22-23)_D** है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR 294651 Road(23-24)D

**ରାମଚରିତ ମାନସ ପାରାୟଣ**

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉଡାରରେ ଚାଲିଥିବା ରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ ହୋଇଯାଇଛି । ପବିତ୍ର ଶ୍ରୀରାମ ନବମୀ ଉପଲକ୍ଷେ ୩୦ ତାରିଖରୁ ଚାଲିଥିବା ପାରାୟଣରେ କର୍ତ୍ତାଭାବେ ଶୁଶାନ୍ତ ନାଏକ ଓ ପ୍ରଭାସିନୀ ନାଏକ ଦାୟିତ୍ୱ ନିର୍ବାହ କରିଥିଲେ । ପାରାୟଣ ବ୍ୟାସଭାବେ ବିଶ୍ୱ କଲ୍ୟାଣ ପୂଜାହାରୀ ଯୋଗଦେଇଥିଲେ। କମିଟି ସଭାପତି ପୃଥ୍ୱିରାଜ ଗରିଆ ତଥା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ଜେଲ ଭିତରେ କଏଦୀଙ୍କ ଆତ୍ମହତ୍ୟା

**ବୌଦ୍ଧ,୮।୪(ସ୍ୱ.ପ୍ର.):** ବୌଦ୍ଧ ସ୍ୱତନ୍ତ୍ର ଉପକାରାଗାରରେ ଶନିବାର ରାତିରେ ଆଜୀବନ ସଜା କାଟୁଥିବା ଜଣେ କଏଦୀ ଆତ୍ମହତ୍ୟା କରିଥିବା ଜଣାଯାଇଛି। ସୂଚନା ମୁତାବକ, ବୌଦ୍ଧ ବ୍ଲକ ବାଉଁଶୁଣୀ ଥାନା ଜମଘାଟି ଗ୍ରାମର ରବୀନ୍ଦ୍ର ମେହେର ନାମକ ଏହି କଏଦୀ ଜଣକ ୨୦୧୬ ମସିହାରେ ଜମିବାଡିକୁ କେନ୍ଦ୍ର କରି ନିଜ ବଡବାପା ଓ ବଡମା'ଙ୍କୁ ହତ୍ୟା କରିଥିଲେ । ଏହି ହତ୍ୟା ଘଟଣାରେ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା । ଜେଲ ପରିସରରେ ଥିବା ଏକ ପାଇଖାନା ଭିତରେ ସେ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଏ ସମ୍ପର୍କରେ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ।

### ପାଇପ ପାଣିରେ ଜିଆ



**ବୌଦ୍ଧ,୮।୪(ସ୍ୱ.ପ୍ର.):** ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବୌଦ୍ଧ ସହରବାସୀଙ୍କୁ ମହାନଦୀରୁ ଜଳ ଉଠାଯାଇ ବିଶୋଧନ ପରେ ଯୋଗାଇ ଦିଆଯାଉଥିବା ବେଳେ ପାନୀୟ ଜଳରେ ଜିଆ ଭାସୁଥିବା ନେଇ ଦେଖିବାକୁ ମିଳିଛି। ସହରର ବୁଟୁପାଲି ଅଞ୍ଚଳରେ ଥିବା ୧୭ ନମ୍ବର ୱାର୍ଡର ଲୋକେ ପାଇପ ପାଣି ସଂଗ୍ରହ କରୁଥିବା ବେଳେ ଜିଆ ଭାସୁଥିବା ଦେଖିବାକୁ ପାଇଥିଲେ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପାଣିରେ ଜିଆ ଭାସୁଥିବା ବେଳେ ବିଭାଗ କିପରି ଜାଣିପାରୁନାହିଁ ବୋଲି ଆଲୋଚନା ହେଉଛି । ଏନେଇ ସହକାରୀ ଯନ୍ତ୍ରୀ ନିରଞ୍ଜନ ସାହୁଙ୍କୁ ପଚାରିବାରେ ଆମର ଏଠି କିଛି ଅସୁବିଧା ନାହିଁ । ଯେଉଁଠି ଜିଆ ବାହରିଛି ସେଠାରେ ପାଇପ ଫାଟି ଥାଇପାରେ । ତେଣୁ ଏପରି ହୋଇଥିବା ସୂଚନା ଦେବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

### ଲୁମୁରଜେନାରେ ଚାରିଶମ୍ଭୁ ମିଳନ ଉତ୍ସବ

**ଅମରପାଲି,୮।୪(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁମୁରଜେନା ଗ୍ରାମରେ ଚାରିଶମ୍ଭୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୌଦ୍ଧ ଜିଲା ତିଲେଶ୍ୱରର ଗୁପ୍ତେଶ୍ୱର ବାବା, ମୁର୍ଷୁଣ୍ଡିର ସ୍ୱପ୍ନେଶ୍ୱର ବାବା, ପିତାମହୁଲର ସ୍ୱପ୍ନେଶ୍ୱର ବାବା ଓ ଉଲୁଣ୍ଡା ବ୍ଲକ ନାକଡେଇଁର ନାଗେଶର ବାବାଙ୍କ ଭେଟ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଚାରିଶମ୍ଭୁଙ୍କ ଏକତ୍ର ପୂଜାର୍ଚ୍ଚନା କରାଯାଇଥିଲା । ପାଣି ଦଣ୍ଡ, ଧୂଳି ଦଣ୍ଡ ସାଙ୍ଗକୁ ରାତିରେ ବିଭିନ୍ନ ଦଣ୍ଡ ସୁଆଙ୍ଗ ମଧ ପରିବେଷିତ ହୋଇଥିଲା। ଭକ୍ତ ତଥା ଶ୍ରଦ୍ଧାଳୁମାନେ ଅଗ୍ନି ଉପରେ ଚାଲିବା ଦୃଶ୍ୟ ଆକର୍ଷଣୀୟ ଥିଲା । ପୂର୍ବାହ୍ନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ମୁଖ୍ୟ ଛକ ଦେଇ ଶୋଭାଯାତ୍ରା ସହକାରେ ଲୁମୁରଜେନା ଗ୍ରାମ ପର୍ଯ୍ୟନ୍ତ ଚାରି ଶମ୍ଭୁଙ୍କ ଶୋଭାଯାତ୍ରା ଆକର୍ଷଣୀୟ ହୋଇଥିଲା।

### ବିଦ୍ୟାଳୟ କୋଠା ମରାମତିକୁ ବିରୋଧ କଲେ ଗ୍ରାମବାସୀ

**ନୂଆ କୋଠା ନିର୍ମାଣ ପାଇଁ ମିଳିଲା ପ୍ରତିଶ୍ରୁତି**

**ବାଉଁଶୁଣୀ,୮।୪(ଡି.ଏନ.ଏ.):** ବୌଦ୍ଧ ଜିଲା ସଦର ବ୍ଲକ ଗୋଛାପଡା ଗ୍ରାମ ପଞ୍ଚାୟତର ଗୋଛାପଡାଠାରେ ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟ ୧୯୪୫ ମସିହାରେ ନିର୍ମାଣ ହୋଇଥିଲା। ତେବେ ମରାମତି ଅଭାବରୁ ଅର୍ଦ୍ଧ ଭଗ୍ନ ଅବସ୍ଥାରେ ପଡି ରହିଛି। ସରକାରଙ୍କ ତରଫରୁ ବିଭିନ୍ନ ଯୋଜନା ରହିଥିଲେ ମଧ ଆଜି ପର୍ଯ୍ୟନ୍ତ କାହିଁକି ଗୋଛାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ କୋଠା ନିର୍ମାଣ ହୋଇ ପାରିନାହିଁ ତାକୁ ନେଇ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି । ତେବେ ବିଦ୍ୟାଳୟ କୋଠାଗୁଡ଼ିକ ମରାମତି କରିବା ପାଇଁ ଭଙ୍ଗା ଯାଉଥିବା ବେଳେ ସ୍ଥାନୀୟ ଅଭିଭାବକ, ସାମାଜିକ କର୍ମୀ, ଗୋଛାପଡ଼ା ସରପଞ୍ଚଙ୍କ ପ୍ରତିନିଧି, ୪ ନମ୍ବର ଜୋନର ଜିଲା ପରିଷଦ ସଭ୍ୟଙ୍କ ସମେତ ଗ୍ରାମବାସୀ ଯାଇ ପୁରୁଣା କୋଠାକୁ ମରାମତି କରିବାକୁ ମନା କରିଥିଲେ । ଏନେଇ ବୌଦ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅବିନାଶ ପାଣ୍ଡିଆଙ୍କୁ ଫୋନ ଯୋଗେ ଜଣାଇଥିଲେ । ଅଭିଯୋଗ ପାଇବା ପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ଯ୍ୟକୁ ସ୍ଥଗିତ ରଖି ନୂତନ ଗୃହ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି ।

# ସରିଲା ମାଲେଶ୍ରୀ, ଅପେକ୍ଷା ଆରବର୍ଷକୁ

**ଅମରପାଲି, ୮।୪(ଡି.ଏନ.ଏ.)**

■ସୂର୍ଯ୍ୟ ଦେଓଙ୍କୁ ମାଲେଶ୍ରୀ ୨୦୨୩ ସମ୍ମାନ

■ଶତାଧିକ କଳାକାର କଲେ ନୃତ୍ୟ ପରିବେଷଣ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଆୟୋଜିତ ଉପଖଣ୍ଡସ୍ତରୀୟ ଅଷ୍ଟମ ଲୋକମହୋତ୍ସବ 'ମାଲେଶ୍ରୀ-୨୦୨୩' ତଥା ପଲ୍ଲୀଶ୍ରୀ ମେଳା ଓ ଉନ୍ନୟନ ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି । କରୋନା ପରେ ପ୍ରଥମ ଥର ପାଇଁ ହୋଇଥିବା ଉକ୍ତ ମହୋତ୍ସବରେ ମଞ୍ଚ ପାଇ କଳାକାର ଯେତେ ଉତ୍ସାହିତ ଥିଲେ ଦର୍ଶକ ତାଠୁ ବେଶୀ ଆନନ୍ଦିତ ହୋଇଥିଲେ। ଜିଲା ଓ ଜିଲା ବାହାରର ଶତାଧିକ କଳାକାରଙ୍କ ସମାଗମ ସହିତ ପଲ୍ଲିଶ୍ରୀ ମେଳାରେ ବିଭିନ୍ନ ସ୍ଥାନର ହସ୍ତକଳା ଦ୍ରବ୍ୟ ବିକ୍ରିବଟା ହୋଇଥିଲା। ସଫଳତାର ସହିତ ଉଦ୍‌ଯାପିତ ହୋଇଥିବା ମାଲେଶ୍ରୀ ମହୋତ୍ସବର ଅପେକ୍ଷା ପୁଣି ଏକ ଆର ବର୍ଷକୁ। ପ୍ରଥମ ଥର ପାଇଁ ମାଲେଶ୍ରୀରେ ଅଂଶଗ୍ରହଣ କରିଥିବା ଜଟଣୀ(ଖୋର୍ଦ୍ଧା)ର ଶଶିମଣି କଳାମ୍ରିକା ଡ୍ୟାନ୍ସ ଗ୍ରୁପର ପ୍ରଜ୍ଞା ପ୍ରିୟଦର୍ଶିନୀ କହନ୍ତି, ମାଲେଶ୍ରୀର ସୁନ୍ଦର ସାଜସଜ୍ଜା ସହିତ ଦର୍ଶକଙ୍କ ଉତ୍ସାହ ଆମକୁ ବେଶ ଉତ୍ସାହିତ କରିଛି।

ଅନ୍ତିମ ସନ୍ଧ୍ୟାରେ ମହୋତ୍ସବ କମିଟି ସଭାପତି ତଥା ଉପଜିଲାପାଳ ଅଶୋକ କୁମାର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ସୁବର୍ଣ୍ଣପୁର ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ, ବିଜୟଲକ୍ଷ୍ମୀ ତରାଇ, ମାଲେଶ୍ରୀ ସ୍ମରଣିକାର ସମ୍ପାଦକ ଡ.ବଳରାମ ମିଶ୍ର, ଉଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ସଞ୍ଜିବ ଦେହୁରୀ, ଉପଖଣ୍ଡୀୟ ପୋଲିସ ଅଧିକାରୀ ଡୋଳାମଣି ଭୋଇ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଅଞ୍ଚଳର କଳା ସଂସ୍କୃତି ଓ ପରମ୍ପରା ଉପରେ ଅତିଥିମାନେ ମତ ରଖିଥିଲେ।ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ମାଲେଶ୍ରୀ ସୁବର୍ଣ୍ଣପୁର ଓ ବୀରମହାରାଜପୁର ଅଞ୍ଚଳର କଳା ଓ ସଂସ୍କୃତି ବୋଲି ମତବ୍ୟକ୍ତ କରିଥିଲେ। ଗବେଷକ ଓ ସଂସ୍କୃତିପ୍ରେମୀ ଏହି ଅଞ୍ଚଳର କଳା, ସଂସ୍କୃତି ଉପରେ ଅଧିକ ଗବେଷଣା କରି ଏହାକୁ ବିଶ୍ୱ ବିଦିତ କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ 'ମାଲେଶ୍ରୀ-୨୩' ସ୍ମରଣିକା ଉନ୍ମୋଚିତ ହୋଇଥିଲା । ଜାତୀୟ ପୁରସ୍କାରପ୍ରାପ୍ତ ସିନେ ସମୀକ୍ଷକ ସୂର୍ଯ୍ୟ ଦେଓଙ୍କୁ 'ମାଲେଶ୍ରୀ-୨୦୨୩' ସମ୍ମାନରେ ସମ୍ମାନୀତ କରାଯିବା ସହିତ ସ୍ଥାନୀୟ ଖବରଦାତାମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଡ.ପ୍ରଫୁଲ୍ଲ କୁମାର ରଥ ଅତିଥି ପରିଚୟ ପ୍ରଦନ କରିଥିଲେ। କାର୍ଯ୍ୟକ୍ରମକୁ ଡ.ପୁରୁଷୋତ୍ତମ ମିଶ୍ର ସଂଯୋଜନା କରିଥିବା ବେଳେ ଶିକ୍ଷାବିତ ଭୂଷଣ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ପୀତବାସ ସତପଥୀ ଙ୍କ ଆତରତ ତାରିଣୀ ଅଷ୍ଟଉଦୟା ...ମାଲେଶ୍ରୀ ବନ୍ଦନା ଗାନ କରିଥିଲେ।ପରେ ପରେ ଅବିନାଶ ହୋତା, ଲକ୍ଷ୍ମୀ ନାରାୟଣ ସାହୁ ଓ ଦେବଜାନୀ ମେଶୁଆ ଙ୍କ ସଂଯୋଜନାରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ।



ସୂର୍ଯ୍ୟ ଦେଓଙ୍କୁ ମାଲେଶ୍ରୀ ସମ୍ମାନରେ ସମ୍ମାନୀତ କରାଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ଦିବସ



@ ଲୋଚନ



@ ରାଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଞ୍ଚସ୍ଥ ହେଲା ନାଟକ କୁମ୍ଭକର୍ଣ୍ଣ ବଧ



ରାମଲୀଳା ନାଟକର ଏକ ଦୃଶ୍ୟ ।

**ବୌଦ୍ଧ,୮।୪(ସ୍ୱ.ପ୍ର.)**

**ବୌଦ୍ଧ ରାମଲୀଳା ଯାତ୍ରାର ଦଶମ ଦିବସ**

ବୌଦ୍ଧର ଗଣପର୍ବ ପ୍ରସିଦ୍ଧ ରାମଲୀଳା ଯାତ୍ରାର ଶନିବାର ଥିଲା ଦଶମ ଦିବସ। ପୌରାଣିକ କଥାବସ୍ତୁ ଆଧାରରେ ଯାତ୍ରାରେ ଶ୍ରୀରାମ, ଲକ୍ଷ୍ମଣ ଓ ବାନରସେନା ସହିତ ଇନ୍ଦ୍ରଜିତ ବୀରତ୍ୱର ସହିତ ଯୁଦ୍ଧ କରି ଶେଷରେ ନାଗଫାଶ ବନ୍ଧନରେ ଶ୍ରୀରାମ ଓ ଲକ୍ଷ୍ମଣକୁ ବାନ୍ଧି ମୂର୍ଚ୍ଛିତ କରି ଦେଇଥିଲା। ହନୁମାନ ସ୍ୱର୍ଗଲୋକକୁ ଯାତ୍ରା କରି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ନାଗଫାଶରୁ ଉଦ୍ଧାର ପାଇଁ ଗରୁଡଙ୍କୁ ନିବେଦନ କରିଥିଲା। ଗରୁଡ ପହଞ୍ଚି ନାଗଫାଶରୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଉଦ୍ଧାର କରିଥିଲେ। ଏପଟେ ଅନ୍ୟ ପୁତ୍ର ଓ ନାତିଙ୍କୁ ହରାଇ ରାବଣ ଚିନ୍ତାଗ୍ରସ୍ତ ହୋଇ ପଡିଛନ୍ତି । ରାବଣ ନିଜର ସାନଭାଇ କୁମ୍ଭକର୍ଣ୍ଣଙ୍କୁ ଯୁଦ୍ଧ କରିବାକୁ ଡକାଇବା ସହ ଶୋଇଥିବା ଅବସ୍ଥାରେ ଉଠାଇଛି । କୁମ୍ଭକର୍ଣ୍ଣ ଛଅ ମାସ ଶୋଇଥାଏ। ଛଅ ମାସ ପରେ ଉଠି ଯୁଦ୍ଧ କରିଗଲେ ତାର ସମକକ୍ଷ କେହି ହୋଇ ନ ଥାନ୍ତି। କିନ୍ତୁ ଅଦିନରେ ଉଠିଲେ ମରଣ ତାର ସୁନିଶ୍ଚିତ। ଶେଷରେ ପ୍ରଭୁ ଶୀରାମଙ୍କ ଦ୍ୱାରା କୁମ୍ଭକର୍ଣ୍ଣର ବଧ ହୋଇଛି। କୁମ୍ଭକର୍ଣ୍ଣ ବଧ ନାଟକକୁ ନିଖୁଣ ଭାବେ ଅନୁଷ୍ଠାନର କଳାକାରମାନେ ପ୍ରଦର୍ଶିତ କରିଥିଲେ। ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିବା ବେଳେ ଭବାନୀଶଙ୍କର ମହାପାତ୍ର ନିର୍ଦ୍ଦେଶନା ଦେଇଥିଲେ। ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ନାଟକରେ ଶ୍ରୀରାମ ଭୂମିକାରେ ଶିରିଶ ବେହେରା,ସୀତା ବିଶ୍ୱାମିତ୍ର ସାହୁ, ଲକ୍ଷ୍ମଣ ଦନାର୍ଦ୍ଦନ ମିଶ୍ର, ହନୁମାନ ଶାନ୍ତନୁ ବେହେରା, ସୁଗ୍ରୀବ ଦିବାକର ଜେନା, ଅଙ୍ଗଦ ଭୂମିକାରେ ସତ୍ୟଜିତ ମିଶ୍ର, ବିଭୀଷଣ ପ୍ରମୋଦ ପ୍ରଧାନ, ରାବଣ ସୁଦାମ ବେରିହା, କୁମ୍ଭକର୍ଣ୍ଣ ସୁଦିପ୍ତ ଦେଓ ଓ ମନ୍ଦୋଦରୀ ଭାବେ ଜଗଦୀଶ ବାରିକ ଅଭିନୟ କରିଥିଲେ। କୁମ୍ଭକର୍ଣ୍ଣ ନାଟକ ଦେଖିବାକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ହଜାର ହଜାର ଦର୍ଶକଙ୍କ ଭିଡ ଲାଗିରହିଥିଲା।

## ଉଫୁଲା ପଞ୍ଚାୟତରେ ପାନୀୟ ଜଳ ସମସ୍ୟା

**ଅମରପାଲି, ୮।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଅନ୍ତର୍ଗତ ରଥପୁର ରାଜସ୍ୱ ଗ୍ରାମର ପଣ୍ଡାପାଲି, କ୍ଷେତିସାହି, ଟିଁପିପାଲି ଗ୍ରାମର ହରିଜନ ପଡ଼ା, ପାବିଲି ପଡ଼ା, ଦନ୍ତାପାଲି ଆଦି ଗ୍ରାମରେ ପାନୀୟ ଜଳ ସମସ୍ୟା ରହିଛି। ଗ୍ରୀଷ୍ମ ପ୍ରବାହ ବଢି ଚାଲିଥିବାରୁ ଲେଶକେ ଜଳକଷ୍ଟ ଭୋଗୁଛନ୍ତି। ସମସ୍ୟାର ସମାଧାନ ପାଇଁ ସରପଞ୍ଚ ଶ୍ରୀୟା କର୍ମୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲାପାଳ, ଜିଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଟିପିଡବ୍ଲୁଓଡିଏଲ କମ୍ପାନୀ ନିର୍ବାହୀ ଯନ୍ତ୍ରୀ, ଜିଲା ପଞ୍ଚାୟତ ଅଧିକାରୀ, ସ୍ଥାନୀୟ ଉପଜିଲାପାଳ, ବିଡିଓଙ୍କୁ ଅବଗତ କରିଛନ୍ତି। ଦୀର୍ଘ ୫ବର୍ଷ ଧରି ଏସବୁ ପ୍ରକଳ୍ପ କାର୍ଯ୍ୟ ମନ୍ଥରଗତିରେ ଚାଲିଛି। ଠିକାଦାରଙ୍କ ଅବହେଳା ଯୋଗୁଁ ଦନ୍ତାପାଲି, ଟିଁପିପାଲି ହରିଜନ ବସ୍ତି, ପଧାନ ପଡ଼ା ଆଦିକୁ ଏ ପର୍ଯ୍ୟନ୍ତ ପାଇପ ସଂଯୋଗ ହୋଇପାରି ନାହିଁ। ଏଥିପାଇଁ ତୃଣମୂଳସ୍ତରର ପ୍ରତିନିଧି ଭାବେ ତାଙ୍କୁ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡୁଥିବା ସରପଞ୍ଚ କର୍ମୀ କହିଛନ୍ତି। ବିଭାଗୀୟ ଅଧିକାରୀ ଏସବୁ ଅସମ୍ପୂର୍ଣ୍ଣ ଜଳଯୋଗାଣ ପ୍ରକଳ୍ପକୁ ଶୀଘ୍ର ସମ୍ପୂର୍ଣ୍ଣ ହେବା ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ସରପଞ୍ଚ ଦାବି ଜଣାଇଛନ୍ତି। ଏଥିସହ ପ୍ରକଳ୍ପର କାର୍ଯ୍ୟକାରୀ ଓ ରକ୍ଷଣାବେକ୍ଷଣ ପାଇଁ ପଞ୍ଚାୟତକୁ ବିଧିବଦ୍ଧ ଦାୟିତ୍ୱ ହସ୍ତାନ୍ତର କରିବାକୁ ଦାବି କରିଛନ୍ତି।

## ବାରପାହାଡ଼ ପୀଠରେ ଛତର ଯାତ୍ରା



ଗୁମ୍ଫାରେ ଥିବା ଇଷ୍ଟଦେବୀଙ୍କୁ ପୂଜା କରାଯାଉଛି।

**ସୋନପୁର,୮।୪(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ମେଣ୍ଡା ନିକଟସ୍ଥ ବାରପାହାଡ ପୀଠରେ ଛତର ଯାତ୍ରା ସମ୍ପନ୍ନ ହୋଇଛି। ପ୍ରତିବର୍ଷ ଭଳି ଚୈତ୍ର ପୂର୍ଣ୍ଣିମା ଅବସରରେ ଛତର ଯାତ୍ରା ସହ ପାହାଡ ଉପରେ ଥିବା ଗୁମ୍ଫାରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଥିଲା। ପାଇକବହାଲ, ମେଣ୍ଡା, ଦେଉଳପଦର, ରାଣୀସର୍ଡା, ନାରାୟଣପୁର ଓ ପୁଆ ଗ୍ରାମ ପଞ୍ଚାୟତର ଶତାଧିକ ଭକ୍ତ ଛତର ଯାତ୍ରାରେ ସାମିଲ ହୋଇଥିଲେ। ଲୋକେ ମାନସିକ କରି ଆଣିଥିବା ଛେଳି, କୁକୁଡା ଓ ପୋଡକୁ ବଳି ଦିଆଯାଇଥିଲା। ପାହାଡର ଏକ ଗୁମ୍ଫାରେ ହିଁ ଇଷ୍ଟଦେବୀ ବାରପାହାଡ(ଲିଙ୍ଗୋ) ପୂଜା ପାଉଛନ୍ତି। ସ୍ଥାନୀୟ ମଖନାମୁଣ୍ଡା(ବ୍ରାହ୍ମଣୀପାଲି)ର ଗଣ୍ଡ ସମ୍ପ୍ରଦାୟର ଲୋକେ ଏଠାରେ ପୂଜକ(ଝାଙ୍କର) ରହିଛନ୍ତି। ପୀଠଟି ଲୋକଙ୍କ ଭାବନା ସହିତ ଜଡିତ। ସ୍ଥାନୀୟ ଅଞ୍ଚଳରେ ଗଣ୍ଡ, କନ୍ଧ, କୋହ୍ଲ, ବିଞ୍ଝାଲ ଓ ସହଲା ଆଦି ଜନଜାତିର ଲୋକେ ବାସ କରନ୍ତି। ପ୍ରକୃତି କୋଳରେ ବସବାସ କରିବା ସହ ସୁଖଦୁଃଖର ସହଭାଗୀ ଦେବୀଙ୍କୁ ଏମାନେ ପୂଜା କରିଥିଲେ। ଆଞ୍ଚଳିକ ବାରପାହାଡ ସେନା ଯାତ୍ରା ଆୟୋଜନରେ ସହଯୋଗ କରିଥିଲେ।

ଜିଲା ସଦର ମହକୁମାଠାରୁ ୩୦ କିଲୋମିଟର ଦୂର ବାରପାହାଡ ଜଙ୍ଗଲ ମଧ୍ୟରେ ରହିଛି ଦେବୀ ପୀଠ ବାରପାହାଡ। ଅର୍ଜୁନପୁର-ବୁର୍ଡା ପୂର୍ତ୍ତ ବିଭାଗ ରାସ୍ତାର ରାଜପାଲି ଠାରୁ ଜଙ୍ଗଲ ଭିତରକୁ ପ୍ରାୟ ୧ କିଲୋମିଟର ଗଲେ ପଡେ ଏହି ଐତିହାସିକ ଗୁମ୍ଫା। କାହିଁ କେଉଁ ଆବାହମାନ କାଳରୁ ପାହାଡର ଏକ ଗୁମ୍ଫା ମଧ୍ୟରେ ଦେବୀ ପୂଜା ପାଇ ଆସୁଛନ୍ତି। ଦେବୀଙ୍କ ପୂଜା ପ୍ରକୃତି ପୂଜାର ଅଂଶବିଶେଷ। କିନ୍ତୁ ଏହି ପୀଠର ଆଦୌ ବିକାଶ ହୋଇ ପାରିନି।

# ବନ ସେବା ସଂଘ ବୌଦ୍ଧ ଶାଖାର ଜରୁରୀ ବୈଠକ

**ବୌଦ୍ଧ,୮।୪(ସ୍ୱ.ପ୍ର.)**

**ବନ କର୍ମଚାରୀଙ୍କୁ ଗୁଳି ମାଡ଼ ଘଟଣା**

■୧୧ରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ନେଇ ସଜବାଜ

ବୌଦ୍ଧରେ ବନ କର୍ମଚାରୀଙ୍କୁ ଗୁଳିମାଡ ଘଟଣାରେ ବନସେବା ସଂଘ ବୌଦ୍ଧ ଶାଖାର ଏକ ଜରୁରୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମସ୍ତ ବନ କର୍ମଚାରୀ ଆସନ୍ତା ୧୧ତାରିଖରୁ କାର୍ଯ୍ୟ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

ପ୍ରକାଶ ଯେ, ବୌଦ୍ଧ ବନଖଣ୍ଡ ଅଧୀନସ୍ଥ ଖଲିଆପାଲି ଛକରେ ଗତ ୨୮ ତାରିଖ ବିଳମ୍ବିତ ରାତିରେ ବନ ବିଭାଗ ଗାଡି ଉପରକୁ ଗୁଳିମାଡ କରାଯାଇଥିଲା । ଏହି ଗୁଳିମାଡରେ ଦୁଇଜଣ ବନ କର୍ମଚାରୀ ଗୁରୁତର ଆହତ ହୋଇଥିଲେ। ଗୁଳିମାଡ ଘଟଣାକୁ ନେଇ ଗତ ୨୯ ତାରିଖରେ ଏସିଏଫ ଆଶିଷ କହଁର ବୌଦ୍ଧ ଥାନାରେ ଏତଲା ଦେଇଥିଲେ। ଏହାପରେ ଗୁଳିମାଡରେ ଗୁରୁତର ଆହତ ହୋଇଥିବା ନବ କିଶୋର ସାହୁ ଗୁଳିମାଡ କରିଥିବା ନେଇ ଦୁଇଜଣ ପୋଲିସ କର୍ମଚାରୀଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ପ୍ରଥମେ ଏସିଏଫ ଏତଲା ଦେଇଥିବାରୁ ଗୋଟିଏ ମାମଲା ହୋଇଥିବାରୁ ପୋଲିସ ନବଙ୍କ ଏତଲାକୁ ରେଜିଷ୍ଟ୍ରେଶନ ନ କରି ଏହାକୁ ତଦନ୍ତ ଆଧାରରେ ଗ୍ରହଣ କରିଥିବା ନେଇ ପୋଲିସ ପ୍ରକାଶ କରିଥିଲା । କିନ୍ତୁ ପୋଲିସ ତଦନ୍ତ ନାମରେ ଆଜି ପର୍ଯ୍ୟନ୍ତ ଦିନ ଗଡାଇ ଚାଲିଥିବା ବେଳେ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଏହି ଘଟଣାକୁ ଅତି ଗୁରୁତର ଭାବେ ଓଡିଶା ଅଣଗେଜେଟେଡ ବନ ସେବା ସଂଘ ନେବା ସହ ଗତ ୩୧ ତାରିଖରେ ବୌଦ୍ଧ ଶାଖାର ଏକ ଜରୁରୀ ବୈଠକ ଶାଖା ସଭାପତି ପ୍ରସନ୍ନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଓଡିଶା ଅଣଗେଜେଟେଡ ବନ ସେବା ସଂଘର ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର ଯୋଗଦେଇ ଘଟଣାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏଥିସହ ଘଟଣାର ଦୃଢ ନିନ୍ଦା କରି ତିନି ଗୋଟି ଦାବି ପୂରଣ କରିବା ସହ ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ୧୧ ତାରିଖରେ ବୌଦ୍ଧ ଜିଲାର ବନ କର୍ମଚାରୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଥିଲେ। କିନ୍ତୁ ଏହି ଘଟଣାକୁ ୧୧ ଦିନ ବିତି ଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ବିଫଳ ହୋଇଛି। ଏନେଇ ପୁଣି ସଂଘ ପକ୍ଷରୁ ଶନିବାର ସନ୍ଧ୍ୟାରେ କର୍ମଚାରୀ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରାଜ୍ୟ ଅଣଗେଜେଟେଡ ବନସେବା ସଂଘର ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ର, ବୌଦ୍ଧ ଜିଲା ଶାଖା ସଭାପତି ପ୍ରସନ୍ନ ପ୍ରଧାନ, ସଂପାଦକ ସୁବ୍ରତ ସାହୁ, ଉପସଭାପତି ସୁଶାନ୍ତ ସାହୁ, କୋଷାଧ୍ୟକ୍ଷ ପ୍ରଦିପ ସାହୁଙ୍କ ସମେତ ସମସ୍ତ ବନ କର୍ମଚାରୀ ଯୋଗ ଦେଇଥିଲେ। ବୈଠକରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ହୋଇଥିଲା। ଅପରପକ୍ଷରେ ଏହି ଘଟଣାରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଚୁପ ରହିଥିବା ଦେଖିବାକୁ ମିଳିଛି।




ବୈଠକରେ ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ ।

कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, डालटनगंज
(E-mail: eercdmedini-jhr@nic.in)

शुद्धि-पत्र

एतद द्वारा सूचित करना है कि इस कार्यालय द्वारा दिनांक-25.03.2023 को विभिन्न समाचार पत्रो के माध्यम से ई-निविदा पत्रांक सं0- **16/ RCD/Daltonganj/ 2022-23/ 347** आमंत्रित की गई है, जिसका **PR No. 293635 Road (22-23)_D** है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR 294651 Road(23-24)D

## ୩ ଫେରାର ଅଭିଯୁକ୍ତ ଗିରଫ

ବେଲପାହାଡ(ଡି.ଏନ.ଏ.): ବେଲପାହାଡ ଥାନା ଅଞ୍ଚଳର ୩ଜଣ ଫେରାର ଅଭିଯୁକ୍ତଙ୍କୁ ଶନିବାର ଗିରଫ କରାଯାଇଛି। ସେମାନେ ହେଲେ ଗୁମାଡେରା ପୁରୁଣା ଦୁର୍ଗାମଣ୍ଡପ ଅଞ୍ଚଳର ପ୍ରଦିପ କୁମାର ନାୟକ (୨୭), ଝଣ୍ଡାପଡ଼ାର ଅଜିତ କୁମାର ପ୍ରସାଦ (୨୫) ଓ ଜୁରବଗାର ଶଙ୍କର ଗୁପ୍ତା (୬୧)। ଗିରଫ ଅଭିଯୁକ୍ତମାନେଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଅମିତାଭ ପଣ୍ଡା ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଲୁହା ଆଙ୍ଗଲ ଚୋରି: ୩ କୋର୍ଟ ଚାଲାଣ

ଜମନକିରା,୮।୪(ଡି.ଏନ.ଏ.): ରାଜପଥ ନିର୍ମାଣ ପାଇଁ ଲାଗିଥିବା ସାଇନ ବୋର୍ଡ ଓ ଲୁହା ଆଙ୍ଗଲ ଚୋରି ଅଭିଯୋଗରେ ଜମନକିରା ପୋଲିସ ଶନିବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଜଗନ୍ନାଥ ପଡ଼ାର ମହେଶ ସାହୁ, ଖଇରଡିହି ଗ୍ରାମର ଲାଲୁ ଖଡିଆ ଓ କୁଚିଣ୍ଡାର ମନୋଜ ରାୟ। ତେବେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଙ୍କଠାରୁ ୩ ସାଇନବୋର୍ଡ, ୨ ଲୁହା ଆଙ୍ଗଲ ଓ ଗୋଟିଏ ସାଇକେଲ ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ଜମନକିରାଠାରୁ ଦେବଗଡ଼ ଜିଲା ତିଲେଇବଣି ପର୍ଯ୍ୟନ୍ତ ୫୩ନଂ. ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଉକ୍ତ କାର୍ଯ୍ୟରେ ବିଭିନ୍ନ ପ୍ରକାର ସୂଚନା ବୋର୍ଡ, ଲୁହା ଆଙ୍ଗଲ ବ୍ୟବହାର କରାଯାଇଥିଲା। ହେଲେ ଏହାକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ନେଇ ଠିକା ସଂସ୍ଥାର ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୨/୨୩) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ଜଳସେଚନ ପ୍ରକଳ୍ପ ସଇଡ଼ା କ୍ଲଷ୍ଟରସ୍ତରୀୟ ବୈଠକ

କୁଚିଣ୍ଡା,୮।୪(ଡି.ଏନ.ଏ.): କୁଚିଣ୍ଡା ସ୍ୱେଚ୍ଛାସେବୀ ଅନୁଷ୍ଠାନ ରୋପ ଦ୍ୱାରା ପରିଚାଳିତ ଫସଲ ବିବିଧକରଣ କାର୍ଯ୍ୟକ୍ରମରେ ଶନିବାର ବୃହତ୍ ଜଳସେଚନ ପ୍ରକଳ୍ପର ସଇଡା କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ଲଷ୍ଟରର ୧୨ ଗୋଟି ଗ୍ରାମରେ ପରିଚାଳିତ ଅଣ ଧାନଚାଷ ପରିଚାଳନା କାର୍ଯ୍ୟକ୍ରମ ଅନ୍ତର୍ଗତ ତିନିଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ କୃଷକ ଉତ୍ପାଦକ ଗୋଷ୍ଠୀକୁ ସାମିଲ କରାଯାଇଛି। ବୈଠକରେ କିଣ୍ଡିରା ଗ୍ରାମର ମା' ସରସ୍ୱତୀ, ପରୁଆଭା ଗ୍ରାମର ମହାଲକ୍ଷ୍ମୀ, ପଣ୍ଡରିକଟା ଗ୍ରାମର ମାନସୀ ଏବଂ ଖଣ୍ଡୋକଟା ସ୍ୱୟଂ ସହାୟକ ଗୋଷ୍ଠୀ ସହ ପ୍ରକଳ୍ପର କାର୍ଯ୍ୟକ୍ରମ ପରିଚାଳକ ସସ୍ମିତା ସାଇଁ ଏବଂ କାର୍ଯ୍ୟକ୍ରମ ସଂଯୋଜିକା ତୃପ୍ତିମୟୀ ଦାଶ ଚଳିତବର୍ଷରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ କୃଷି ବିଭାଗ ପକ୍ଷରୁ ୪ଗୋଟି ଗୋଷ୍ଠୀଙ୍କୁ ଦିଆଯାଇଥିବା ୪ଟି କାର୍ଯ୍ୟକ୍ରମ କୃଷି ଯନ୍ତ୍ରପାତି ପରିଚାଳନା, ଜୈବିକ ଖତ ପ୍ରସ୍ତୁତି, କୃଷିଜାତ ଦ୍ରବ୍ୟ ମୂଲ୍ୟଯୁକ୍ତ ଓ ପ୍ରକ୍ରିୟାକରଣ ଓ କୃଷିଜାତ ଦ୍ରବ୍ୟ ବଜାର ବ୍ୟବସ୍ଥା ଓ ବିପଣନ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଏହି ଗ୍ରୁପର ସଭାପତି, ସମ୍ପାଦିକା ଓ କୋଷାଧକ୍ଷ ଅଂଶଗ୍ରହଣ କରିଥିଲେ।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

କୁଚିଣ୍ଡା,୮।୪(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମାରେ ଗତ ୬ତାରିଖରୁ ଆରମ୍ଭ ହୋଇଥିବା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଛି। ଉତ୍ସବର ପ୍ରଥମ ଦିନରେ ନାମଯଜ୍ଞ ପାଇଁ ୧୦୦୮ କଳସ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ପରେ ମଣ୍ଡପରେ ନାମଯଜ୍ଞ ଆରମ୍ଭ ହୋଇ ଯଜ୍ଞ ଅଗ୍ନିସ୍ଥାପନ କରାଯାଇଥିଲା। ଅପରାହ୍ନରେ ମହାପ୍ରଭୁଙ୍କ ମହାସ୍ନାନ ଓ ରାତ୍ରରେ ସାଧୁସନ୍ଥଙ୍କ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ନାମ ଯଜ୍ଞ ଆରମ୍ଭ ସହିତ ଜଗନ୍ନାଥ ମନ୍ଦିର ଉପରେ ନୀଳଚକ୍ର ସ୍ଥାପନ, ଧ୍ୱଜାରୋହଣ ଓ ମନ୍ଦିରରେ ପାର୍ଶ୍ୱ ଦେବଦେବୀଙ୍କୁ ସ୍ଥାପନ କରାଯାଇଥିଲା। ତୃତୀୟ ତଥା ଶେଷ ଦିନରେ ମହାପ୍ରଭୁ ଜଗନ୍ନାଥଙ୍କ ମନ୍ଦିର ପ୍ରବେଶ ସହିତ ମହାପ୍ରଭୁଙ୍କର ଷୋଡ଼ଶ ଉପଚାର ପୂଜା କରାଯାଇ ମହାପ୍ରଭୁଙ୍କୁ ରାଜରାଜେଶ୍ୱର ବେଶରେ ସଜ୍ଜିତ କରାଯାଇଥିଲା। ନାମଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ ସହ କଳସ ବିସର୍ଜନ କରାଯାଇଥିଲା। ସ୍ୱାମୀ ଜିବନମୁକ୍ତାନନ୍ଦ ପୁରୀଜୀ ମହାରାଜ, ସ୍ୱାମୀ ଶୃତିସାଗର ସରସ୍ୱତୀ ଓ ସ୍ୱାମୀ ଶିବାନନ୍ଦଜୀ ମହାରାଜାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହିସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପଣ୍ଡଲୋଇରେ ପୋଲିସ ଚଢ଼ାଉ, ୫ ବସ୍ତା ଟଙ୍କା ଗାଏବ

■ ଭିଡିଓଗ୍ରାଫିକୁ ନେଇ ଦ୍ୱନ୍ଦ୍ୱ, ସନ୍ଦେହରେ ପୋଲିସ
■ ଜମିବିକ୍ରି, ଉପନିର୍ବାଚନ ପାଇଁ ଟଙ୍କା ଥିବା ଚର୍ଚ୍ଚା

ସମ୍ବଲପୁର,୮।୪(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ପଣ୍ଡଲୋଇ ଗ୍ରାମରେ ଏକ ମାମଲାରେ ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ଶୁକ୍ରବାର ରାତିରେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଚଢ଼ାଉ କରିଥିଲା। ଚଢ଼ାଉରେ ଦେବଗଡ଼ ଜିଲା ପୋଲିସ ଓ ରେଙ୍ଗାଲି ଥାନା ପୋଲିସ ଟିମ୍ ସାମିଲ ଥିଲେ। ଚଢ଼ାଉ ସମୟରେ ଅଭିଯୁକ୍ତଙ୍କୁ ଧରିବା ନେଇ ପୋଲିସ କିଛି କହିନାହିଁ। ହେଲେ ଉକ୍ତ ବ୍ୟକ୍ତିଙ୍କ ଘରୁ ପ୍ରାୟ ୫ ବସ୍ତା ୨ ହଜାର ଟଙ୍କିଆ ନୋଟ୍ ଜବତ ହୋଇଥିବା କୁହାଯାଉଛି। ଏତେ ପରିମାଣ ଟଙ୍କା ଜବତ ହେବା ନେଇ ରେଙ୍ଗାଲି ପୋଲିସ କିଛି ଜାଣି ନ ଥିବା କହୁଥିବା ବେଳେ ପୋଲିସ ବଡ଼ବାବୁମାନେ ମଧ୍ୟ ମୁହଁ ଖୋଲୁନାହାନ୍ତି। ତେଣୁ ପୋଲିସର କାର୍ଯ୍ୟ ସନ୍ଦେହଘେରକୁ ଆସିଛି।

ସୂଚନା ଅନୁସାରେ ପୋଲିସ ଚଢ଼ାଉ କରିଥିବା ବ୍ୟକ୍ତିଙ୍କ ପାଖରେ ଜମି ରହିଥିବାବେଳେ ତାହାକୁ ସେ ପର୍ଯ୍ୟାୟକ୍ରମେ ବିକ୍ରି କରୁଛନ୍ତି। ଜମି ବିକ୍ରି କରି ସରକାରୀ ଦରରେ ମିଳୁଥିବା ଟଙ୍କା ଜମାଖାତାରେ ନେଉଛନ୍ତି। ଶିଳ୍ପାଞ୍ଚଳ ହୋଇଥିବାରୁ ଜମି ଅଧିକ ମୂଲ୍ୟରେ ବିକ୍ରି ହେଉଛି। ସରକାରୀ ଦରରୁ ଅଧିକ ଟଙ୍କା ମିଳୁଥିବାରୁ ସେ ଏ ବିଷୟରେ କାହାକୁ କହି ନ ପାରି ଘରେ ବସ୍ତାରେ ରଖିଥିଲେ। ଆୟ ବହିର୍ଭୂତ ଟଙ୍କା ହୋଇଥିବାରୁ ସେ ଏବେ ପୋଲିସ ବିରୋଧରେ ମଧ୍ୟ ମୁହଁ ଖୋଲୁନାହାନ୍ତି। ଅନ୍ୟପଟେ ଦେବଗଡ଼ ଜିଲାର ମହିଳା ସମ୍ବନ୍ଧିତ ଏକ ମାମଲାରେ ଫେରାର ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ନେଇ ସେ ପୋଲିସକୁ ଭୟକରି ଚୁପ୍ ରହିଛନ୍ତି। ହେଲେ ରେଙ୍ଗାଲି ଥାନା ଅଧିକାରୀ ଯଶୋବନ୍ତ ସାଲିମା ଜାଣି ନ ଥିବା କହିଛନ୍ତି। ଚଢ଼ାଉ ଘଟଣା ଥାନା ଅଞ୍ଚଳରେ ହୋଇଥିଲେ ମଧ୍ୟ ସେ କିଭଳି ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନ ଉଠୁଛି। ଅନ୍ୟପଟେ କୌଣସି ଚଢ଼ାଉ କରାଗଲେ ପୋଲିସ ଭିଡିଓ ରେକର୍ଡ କରିବାକୁ କଡ଼ା ନିୟମ ରହିଛି। ଭିଡିଓଗ୍ରାଫି ହେଲେ ପୋଲିସ ପ୍ରତି ବିଶ୍ୱାସ ଜନ୍ମିବା ସହ ପୋଲିସକୁ ପ୍ରମାଣ ମଧ୍ୟ ମିଳିବ। ହେଲେ ଏହି ଚଢ଼ାଉରେ ପୋଲିସର ଭିଡିଓଗ୍ରାଫିକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଯଦି ଭିଡିଓ ରହିଥିବ ତା'ହେଲେ ଟଙ୍କା ଜବତ ହୋଇଥିବା ସ୍ପଷ୍ଟ ହୋଇଯିବ। ଭିଡିଓ କରାଯାଇ ନ ଥିଲେ ପୋଲିସ ଜାଣିଶୁଣି ଘଟଣାକୁ ଚାପିଦେବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ଅନ୍ୟପଟେ ଝାରସୁଗୁଡ଼ା ଉପନିର୍ବାଚନ ପାଖେଇ ଆସୁଛି। ବିଜେଡି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଅନ୍ୟ ଦଳ ମଧ୍ୟ ଖୁବ୍‌ଶୀଘ୍ର ପ୍ରାର୍ଥୀ ଘୋଷଣା କରିବେ। ତେଣୁ ଏହି ଆୟ ବହିର୍ଭୂତ ଟଙ୍କାକୁ ନିର୍ବାଚନ ଖର୍ଚ୍ଚ ପାଇଁ ରଖାଯାଇଥିବା କୁହାଯାଉଛି। ଏ ସମ୍ପର୍କରେ ରେଙ୍ଗାଲି ଥାନା ଅଧିକାରୀ ସାଲିମା କହିଛନ୍ତି, ଚଢାଉ ସମ୍ପର୍କରେ ମୁଁ କିଛି ଜାଣି ନାହିଁ। ଯଦି ହୋଇଥିବା ମୋତେ ନ ଜଣାଇ କରାଯାଇଥିବ ବୋଲି କହିଥିଲେ। ଅନ୍ୟପଟେ ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି, ଦେବଗଡ଼ ଜିଲାର ମହିଳା ସମ୍ବନ୍ଧିତ ଏକ ମାମଲା ବିଷୟରେ ଖବର ରହିଛି। ହେଲେ ଚଢାଉ ହୋଇଛି କି ନାହିଁ ଓ ଟଙ୍କା ମିଳିବା ଘଟଣା ନେଇ ତଦନ୍ତ କରାଯିବ ବୋଲି ସେ କହିଥିଲେ।

## ହନୁମାନ ଜୟନ୍ତୀ ପାଇଁ ଝଣ୍ଡାଯାତ୍ରା

ସମ୍ବଲପୁର,୮।୪(ବ୍ୟୁରୋ)


ଝଣ୍ଡାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

ସମ୍ବଲପୁର ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଶନିବାର ଝଣ୍ଡାଯାତ୍ରା ଓ ସ୍ଥାପନା ହୋଇଥିଲା। ରାତିରେ ଧନକଉଡା ବ୍ଲକ ଛକଠାରେ ଝଣ୍ଡାଯାତ୍ରା ସମ୍ପନ୍ନ ହୋଇଛି। ସନ୍ଧ୍ୟା ୭ଟାରେ ରୀତିନୀତି ସହ ବୁଢ଼ାହିଲ ହନୁମାନ ଓ ରାମ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ୭ଟି ଝଣ୍ଡାକୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ଜିଲା ସ୍କୁଲ ଛକ, ଭୁତାପଡା ଛକ, ମୋତିଝରନ, ବରଗଛ ପଡା, କାମେଳାପଡା, ସୁନାପାଲି ଓ ଧନକଉଡା ବ୍ଲକ ଛକଠାରେ ପୂଜାର୍ଚ୍ଚନା ସହ ଝଣ୍ଡା ସ୍ଥାପନ କରାଯାଇଥିଲା। ହୁଳହୁଳି, ଘଣ୍ଟ, ଶଙ୍ଖ, ହରିବୋଲ ହୁଳହୁଳି, ଜୟ ଶ୍ରୀରାମ ଓ ଜୟ ହନୁମାନ ଧ୍ୱନିରେ ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ସମନ୍ୱୟ ସମିତି ସଭାପତି ରାଜକୁମାର ବଡପଣ୍ଡା, ସାଧାରଣ ସମ୍ପାଦକ ସମୀର ରଞ୍ଜନ ବାବୁ, ଦାମୋଦର କର, ରାଜିବ ଶତପଥି, ପ୍ରଦୀପ ସୁପକାର, ସୁଧିର ରଞ୍ଜନ ବହିଦାର, ପ୍ରଦୀପ ବହିଦାର, ସତ୍ୟନାରାୟଣ ପଣ୍ଡାଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ପୂଜକ ଅରୁଣ ଶତପଥି ପୂଜାର୍ଚ୍ଚନା କରିଥିଲେ।

## ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଚୈତ୍ର ପୂର୍ଣ୍ଣିମା

ସମ୍ବଲପୁର,୮।୪(ବ୍ୟୁରୋ)

ସମ୍ବଲପୁର ଦାନିପାଲିଠାରେ ନବନିର୍ମିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଚୈତ୍ର ପୂର୍ଣ୍ଣିମା ଓ କୁଳତା ଦିବସ ପାଳିତ ହୋଇଯାଇଛି। ପୂର୍ଣ୍ଣିମା ଦିନ ସକାଳୁ ବାବା ରଣେଶ୍ୱର, ମା' ରାମଚଣ୍ଡୀ ଓ ମନ୍ଦିର ଦେବଦେବୀଙ୍କ ସ୍ନାନ ପରେ ସିଙ୍ଗାର ଏବଂ ନୂତନ ବସ୍ତ୍ର ପରିଧାନ କରାଯାଇଥିଲା। ଖଇର ଜୁଗାର, ଯାଉ, ପିଠା ଭୋଗ ଲଗାଯାଇଥିଲା। ସନ୍ଧ୍ୟା ଆରତୀ ପରେ କୁଳତା ସମାଜର କଳାକାରଙ୍କ ଦ୍ୱାରା ରାମଚଣ୍ଡୀ ଭଜନ ପରିବେଷଣ କରାଯାଇଥିଲା। ମନ୍ଦିର ପୂଜକ ଦେବୀ ପ୍ରସାଦ ଭୋଇ, ପୂଜକ ସୁଦାମ ପ୍ରଧାନ ପୂଜା କାର୍ଯ୍ୟ ତୁଲାଇଥିଲେ। ମନ୍ଦିରରେ ରଣେଶ୍ୱର ରାମଚଣ୍ଡୀଙ୍କ ସହ ଗଣେଶ, କାର୍ତ୍ତିକ, କଳାପାଟ, ପଞ୍ଚଶିବ, ପଞ୍ଚ ବାଉତି, ଦଶମାତୃକା, ଲକ୍ଷ୍ମୀନାରାୟଣ, କୁବେର, ବୃଷଭ, ଅରୁଣ ସ୍ତମ୍ଭ, ଗୃହ ଦେବଦେବୀ, ଦ୍ୱାରପାଳିନୀ, ନବଗ୍ରହ, ନବଦୁର୍ଗା, ପଞ୍ଚମୁଖୀ ହନୁମାନ, ଭୈରୋ ବାବା ପୂଜା ପାଉଛନ୍ତି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ଦିବସ


@ ଲୋଚନ


@ ରାଜେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ


ଉତ୍ସବରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

ସମ୍ବଲପୁର,୮।୪(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ କୁକୁଡାପାଲି ପଞ୍ଚାୟତ ସେରସୁଆଁତଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋଚିତ୍ରରେ ଧୂପପୁଷ୍ପ ଅର୍ପଣ ପରେ ମାତୃବନ୍ଦନା ସହ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ରମେଶ ମିଶ୍ର ମୁଖ୍ୟଅତିଥି, ରମେଶ ଚନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା ଓ ଉଷାରାଣୀ ପଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ସଭାପତି ଦୋଳଗୋବିନ୍ଦ ନାୟକଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ସମ୍ପାଦକ ରାଜେନ୍ଦ୍ର ପଧାନ ଓ ପ୍ରିନ୍ସିପାଲ ସୁରେଶ ଚନ୍ଦ୍ର ପ୍ରଧାନ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନୃତ୍ୟଗୀତ ପରିବେଷଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ପ୍ରଶାନ୍ତ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଆର୍‌ଏମ୍‌ଙ୍କ ବିଭିନ୍ନ ଷ୍ଟେଶନ ପରିଦର୍ଶନ

ସମ୍ବଲପୁର,୮।୪(ବ୍ୟୁରୋ)

ସମ୍ବଲପୁର ରେଳମଣ୍ଡଳ ପ୍ରବନ୍ଧକ ବିନିତ ସିଂ କଣ୍ଟାବାଞ୍ଜି, ହରିଶଙ୍କର ରୋଡ, ବାଗବହରା, ଖରିଆର ରୋଡ, ଅରଙ୍ଗ ମହାନାଦୀ ଆଦି ଷ୍ଟେଶନ ପରିଦର୍ଶନ କରିଥିଲେ। ଏହି ସମୟରେ ସେ ଷ୍ଟେଶନରେ ଯାତ୍ରୀମାନଙ୍କ ସୁବିଧା ଏବଂ ଅସୁବିଧା ପଚାରି ବୁଝିଥିଲେ। ଷ୍ଟେସନରେ ଚାଲୁଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। କର୍ମଚାରୀମାନଙ୍କୁ ସମସ୍ତ କ୍ଷେତ୍ରରେ ସୁରକ୍ଷା ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଟିଟିଲାଗଡ-ଅରଙ୍ଗ ମଧ୍ୟରେ ୱିଣ୍ଡୋ ଟ୍ରେଲିଂ ମଧ୍ୟ ଯାଞ୍ଚ କରିଥିଲେ।

## ୧୫ ଦିନ ବିତିଲା, ତଦନ୍ତ ଆରମ୍ଭ ହେଲାନାହିଁ

ସମ୍ବଲପୁର,୮।୪(ବ୍ୟୁରୋ)

ସମ୍ବଲପୁର ଜିଲା ଧନକଉଡା ବ୍ଲକ ଶିକ୍ଷା ଅଧିକାରୀଙ୍କ ନାମରେ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଜିଲାପାଳ ଅନନ୍ୟା ଦାସ ଏହାର ତଦନ୍ତ କରିବାକୁ ଜିଲା ଶିକ୍ଷାଅଧିକାରୀ ମୀନାରାଣୀ ମଣ୍ଡଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ୧୫ ଦିନ ବିତିଥିଲେ ମଧ୍ୟ ତଦନ୍ତ ଆରମ୍ଭ ହୋଇପାରି ନାହିଁ। ଫଳରେ ଜିଲାପାଳଙ୍କ ନିର୍ଦ୍ଦେଶକୁ ଡିଇଓ ଅବମାନନା କରୁଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ଡିଇଓ ମଣ୍ଡଳ କହିଛନ୍ତି, ତଦନ୍ତ ହୋଇ ନାହିଁ, ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଜିଲାପାଳ ଦାସଙ୍କ ନିକଟରେ ଧନକଉଡା ବ୍ଲକ ଶିକ୍ଷାଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ବିରୋଧରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ମାର୍ଚ୍ଚ ୨୨ ତାରିଖରେ ଲିଖିତ ଅଭିଯୋଗ କରିଥିଲା। ସଂଘ କର୍ମକର୍ତ୍ତା ଏଥିରେ ଦର୍ଶାଇଥିଲେ, ବିଇଓ ସାହୁ ଯୋଗଦାନ କରିବା ପରେ ସିଆର୍‌ସିସି ଓ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ଅନେକ ସମୟରେ ଦୁର୍ବ୍ୟବହାର କରୁଛନ୍ତି। ଜାଣିଶୁଣି ହଇରାଣ ହରକତ କରୁଛନ୍ତି। ଅନେକ ସ୍କୁଲକୁ ଯାଇ ସାମାନ୍ୟ କଥାରେ ଦରମା ବନ୍ଦ କରିଦେବା, ବଦଳି କରିବାକୁ କହି ଭୟଭୀତ କରୁଛନ୍ତି। ତାଙ୍କ ଅବହେଳା ଯୋଗୁ ନିୟମିତ ଦରମା ମିଳୁନାହିଁ। ଫଳରେ ପରିବାର ଚଳାଇବା କଷ୍ଟକର ହୋଇ ପଡୁଛି ବୋଲି ଅଭିଯୋଗ କରିଥିଲେ।

## ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କିତ ଆଲୋଚନାଚକ୍ର

ବେଲପାହାଡ଼,୮।୪(ଡି.ଏନ.ଏ.)


ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।

ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟ, ଗିରିଧରଲାଲ ନୋଡାଲ ଉଚ୍ଚ ବିଦ୍ୟାଳୟ, ଆଦର୍ଶ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନରସିଂହ ଉଚ୍ଚ ବିଦ୍ୟାଳୟ, ବେଲପାହାଡ ଇଂଲିଶ ମିଡିୟମ ସ୍କୁଲ, ସନ୍‌ସାଇନ ସ୍କୁଲ ଓ ସଂସ୍କାର ପବ୍ଲିକ ସ୍କୁଲ ଝାରସୁଗୁଡ଼ାର ପ୍ରାୟ ୪୫ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗଦେଇଥିଲେ। ବି. ଆର୍. ହାଇସ୍କୁଲ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଡିଆଇଇଟି ଝାରସୁଗୁଡ଼ାର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଗୋପୀନାଥ ସେଠ ଶିକ୍ଷାନୀତି- ୨୦୨୦ ଉପରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ଅନ୍ୟତମ ଅତିଥି ଜି.ଏଲ୍.ହାଇସ୍କୁଲର ପ୍ରଧାନ ଶିକ୍ଷକ ସଚୀନ୍ଦ୍ର ପଟେଲ ଶିକ୍ଷାନୀତି ସମ୍ପର୍କରେ ସୂଚନା ଦେଇଥିଲେ। ସଂସ୍କାର ପବ୍ଲିକ ସ୍କୁଲ ଝାରସୁଗୁଡ଼ାର ଅଧ୍ୟକ୍ଷ କନ୍ଦର୍ପ ସାହୁ ଅନ୍ୟତମ ଅତିଥି ରୂପେ ଉପସ୍ଥିତ ଥିଲେ। ଆଲୋଚନାରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସକ୍ରିୟ ଅଂଶ ଗ୍ରହଣ କରିବା ସହିତ ପ୍ରଶ୍ନୋତ୍ତର ମାଧ୍ୟମରେ ସନ୍ଦେହ ମୋଚନ କରିଥିଲେ। ଶିକ୍ଷକ ବବନ ସିଂ ବକ୍ତବ୍ୟର ସାରାଂଶକୁ କବିତା ରୂପ ଦେଇଥିଲେ। ଶିକ୍ଷକ ଟଙ୍କଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଚିଣ୍ଡାରେ ବଙ୍କିମ ଚନ୍ଦ୍ରଙ୍କ ତିରୋଧାନ ଦିବସ

କୁଚିଣ୍ଡା,୮।୪(ଡି.ଏନ.ଏ.)

ବହୁଚର୍ଚ୍ଚିତ ଉପନ୍ୟାସ ଆନନ୍ଦ ମଠ ଓ ବନ୍ଦେ ମାତରମ୍ ଗୀତର ରଚୟିତା ବଙ୍କିମ ଚନ୍ଦ୍ରଙ୍କ ତିରୋଧାନ ଦିବସ ଶନିବାର କୁଚିଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାସିନୀ ବେହେରାଙ୍କ ସଭାପତିତ୍ୱ ଓ ଶିକ୍ଷକ ଶ୍ରୀକାନ୍ତ ଚୌଧୁରୀଙ୍କ ପରିଚାଳନାରେ ଆୟୋଜିତ ସ୍ମୃତିସଭାରେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ଦେ ମାତରମ୍ ସଙ୍ଗୀତ ଓ ଧ୍ୱନି କିଭଳି ସ୍ୱାଧୀନତା ସଂଗ୍ରାମରେ ମନ୍ତ୍ର ଭାବରେ କାର୍ଯ୍ୟ କରୁଥିଲା ତା'ର ଉଦାହରଣ ଦେଇଥିଲେ। ସହକାରୀ ଶିକ୍ଷକ ତରୁଣ କୁମାର ନାୟକ ଓ ସତ୍ୟବାନ ପ୍ରଧାନ ବଙ୍କିମ ଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଆୟୋଜିତ ଲିଖିତ ସାଧାରଣ ଜ୍ଞାନ ଓ ଡ୍ରଇଁ ପରୀକ୍ଷାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ଶିକ୍ଷକ ଶ୍ରୀକାନ୍ତ ଚୌଧୁରୀ ସଭା ପରିଚାଳନା କରିଥିବା ବେଳେ ରମେଶ କିଷାନ ଓ ସ୍ୱେଚ୍ଛାସେବୀ ମାନସୀ ବରଗର୍ତ୍ତି ସହଯୋଗ କରିଥିଲେ।

# ନକଲି ସାର୍ଟିଫିକେଟରେ ୬ ଆବେଦନକାରୀ

**ବଲାଙ୍ଗୀର ଲିଙ୍କ୍ ସନ୍ଦେହ, ବିଭିନ୍ନ ସ୍ଥାନରେ ଚଢାଉ**

ସମ୍ବଲପୁର,୮।୪(ବ୍ୟୁରୋ)

ସମ୍ବଲପୁର ଜିଲାରେ ନକଲି ସାର୍ଟିଫିକେଟ ଦେଇ ପୋଷ୍ଟାଲ ବିଭାଗରେ ଚାକିରି କରିବା ପାଇଁ ଆବେଦନ କରି ୬ଜଣ ଧରାପଡିଛନ୍ତି। ସେମାନଙ୍କ ନାମରେ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ସେମାନେ ହେଲେ ଭଦ୍ରକ ଜିଲା ଭଣ୍ଡାରୀପୋଖରୀର ସୋନାଲି ସ୍ୱାଇଁ, ଜଗତସିଂପୁର ଜିଲା ଅନୈଙ୍ଗା ଗ୍ରାମର ଜ୍ୟୋତିକାନ୍ତ ମହାନ୍ତି, ବରଗଡ଼ ଜିଲା ଭଲପାଲି ଗ୍ରାମର ରୁଦ୍ରାଣି ପ୍ରଧାନ, ଗଣେଶନଗରର ଜୟଶ୍ରୀ ସାହା, କଳାହାଣ୍ଡି ଜିଲା କେସିଙ୍ଗା ଥାନା କୁଣ୍ଡାବନ୍ଧ ଗ୍ରାମର ସୁରମଣି ମିଶ୍ର ଓ ଦେବଗଡ଼ ଜିଲା ତିଲେଇବଣି ଥାନା ପ୍ରଭାଶୁନି ଗ୍ରାମର ଝିଲି ସାହୁ। ସମ୍ବଲପୁର ଡାକ ମଣ୍ଡଳ ପକ୍ଷରୁ ଏ ନେଇ ଗତ ୨୫ତାରିଖରେ ଅଭିଯୋଗ କରାଯାଇଥିବାବେଳେ ପୋଲିସ ଏପ୍ରିଲ ୭ତାରିଖରେ ଥାନାରେ ମାମଲା ରୁଜୁ କରିଛି। ପୋଲିସ ୩ ଗୋଟି ଟିମ୍ ଗଠନ କରି ଅଭିଯୁକ୍ତ ଆବେଦନକାରୀଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ଏଥିରେ ବଲାଙ୍ଗୀର ଜିଲା ନକଲି ସାର୍ଟିଫିକେଟ ଗ୍ୟାଙ୍ଗର ଲିଙ୍କ୍ ଥିବା ସନ୍ଦେହ କରାଯାଉଛି। ଲିଙ୍କ୍ ଥିବା ଜଣାପଡିଲେ ଏହି ମାମଲା କ୍ରାଇମବ୍ରାଞ୍ଚ ତଦନ୍ତ କରିପାରେ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ସମ୍ବଲପୁର ଡାକ ଡିଭିଜନର ମୋଟ ୯୬ ଗୋଟି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାର୍ଚ୍ଚ ୨୦ ଓ ୨୧ ତାରିଖରେ ସାର୍ଟିଫିକେଟ ଯାଞ୍ଚ ସମୟରେ ଉପରୋକ୍ତ ୬ଜଣଙ୍କ ପ୍ରମାଣପତ୍ର ସନ୍ଦେହ ଘେରକୁ ଆସିଥିଲା। ଆବେଦନ କରିଥିବା ଏହି ୬ଜଣ ଆଶାୟୀଙ୍କ ସାର୍ଟିଫିକେଟ ଉତ୍ତରପ୍ରଦେଶ ବୋର୍ଡର ରହିଛି। ଓଡିଆର କୌଣସି ବିଷୟ ନ ଥିବାବେଳେ ସମସ୍ତଙ୍କ ମାର୍କ ପ୍ରାୟ ସମାନ ରହିଛି।


कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, डालटनगंज
(E-mail: eercdmedini-jhr@nic.in)

शुद्धि–पत्र

एतद द्वारा सूचित करना है कि इस कार्यालय द्वारा दिनांक–25.03.2023 को विभिन्न समाचार पत्रो के माध्यम से ई–निविदा पत्रांक सं0– **16/ RCD/Daltonganj/ 2022-23/ 347** आमंत्रित की गई है, जिसका **PR No. 293635 Road (22-23)_D** है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज।

PR 294651 Road(23-24)D

## ମଡେଲ ଶ୍ରେଣୀ ଗୃହ ଉଦ୍‌ଘାଟିତ

ଜୁନାଗଡ,(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ହିଞ୍ଜିଲିବାହାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଏକ ମଡେଲ ଶ୍ରେଣୀ ଗୃହ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସରୋଜ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଇଓ ଷଷ୍ଠୀ ଝାଙ୍କର,ସମ୍ମାନିତ ଅତିଥି ଭାବେ ଏବିଇଓ କ୍ଷୀରୋଦ ଭୋଇ, ସିଆରସିସି ଗୋଦାବରୀଶ ପଣ୍ଡା, ସୁନୀତା ଦୁର୍ଗା, ଅରୁଣ ଭୋଇ, ଇଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଶ୍ରୀରାମ ଲୀଳା ମହୋତ୍ସବ



ମ.ରାମପୁର,୮।୪(ଡି.ଏନ.ଏ.): କଳାହାଣ୍ଡି ଜିଲା ମ.ରାମପୁର ପାଇକପଡାସ୍ଥିତ ଶ୍ରୀରାମ ଜୀଉ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗତ ୭ ତାରିଖଠାରୁ ଶ୍ରୀରାମ ଲୀଳା ମହୋତ୍ସବ ଆରମ୍ଭ ହେଇଛି। ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ପ୍ରଥମ ରାତିରେ ଆଦ୍ୟ କାଣ୍ଡ ପ୍ରଦର୍ଶିତ ହେଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ଜିବେଶ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ସଂପାଦକ, ନାଟ୍ୟ ନିର୍ଦ୍ଦେଶକ ଶୈଳେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ ପରିଚାଳନା କରିଥିଲେ। ପବନ ମହାଳିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଲିପ୍ସା ଦୁବେ ସଂଯୋଜନା କରିଥିଲେ। ଏହି ଅବସରରେ ବଲାଙ୍ଗୀର ଦେଓଗାଁର ଚନ୍ଦ୍ର ପଟେଲଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅମନ ରାଇଗୁରୁ, ବିକାଶ ଆଚାର୍ଯ୍ୟ, ସାଇ ମହାରଣା, ପ୍ରଦିପ ସିଂ, ବିରେନ ରଥ, ରଞ୍ଜନ ମହାରଣା, ଶ୍ରୀପତି ପଟ୍ଟନାୟକ, ଅରୁଣ ହାତୀ, ଦିଲିପ ତ୍ରିପାଠୀ, କେଶବ ଦଣ୍ଡସେନା, ଦମ୍ବରୁ ଭୋଇ ପ୍ରମୁଖ କଳାକାରମାନେ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ମହେଶ୍ୱର ସାହୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ । ସନ୍ତୋଷ ଦୁବେ ସଙ୍ଗୀତ ପରିବେଷଣ କରିଥିଲେ।

### ହନୁମାନ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ତୁଣ୍ଡଲା,୮।୪(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଯାପାଲି ଗ୍ରାମରେ ହନୁମାନ ଜୟନ୍ତୀ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଦେଶପ୍ରେମୀ ଯୁବ ଶକ୍ତି ସଂସଦର ସଭାପତି ଘନଶ୍ୟାମ ଗହୀରଙ୍କ ସଭାପତିତ୍ୱରେ ଶୁକ୍ରବାର ରାତିରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ହନୁମାନ ଜୟନ୍ତୀ ଓ ପଣା ସଂକ୍ରାନ୍ତି ପାଳନ କରାଯିବା ପାଇଁ ଆଲୋଚନା ହୋଇଥିଲା। ଦେଶପ୍ରେମୀ ଯୁବଶକ୍ତି ସଂସଦ ପକ୍ଷରୁ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଆସନ୍ତା ୧୪ ଓ ୧୫ ତାରିଖ ଦୁଇଦିନ ଧରି ପୂଜା ପାଠ କରାଯିବ ଓ ରାମାୟଣର ସୁନ୍ଦରାକାଣ୍ଡ ମଧ ପାରାୟଣ କରାଯିବ ବୋଲି ସ୍ଥିର କରାଯାଇଛି । ଏଥିରେ କାର୍ଯ୍ୟକାରୀ ସଭାପତି ଅନିଲ କୁମାର ଦାଶ, ଉପସଭାପତି ଦୁର୍ବାଦଳ ଗୌଡ଼ିଆ, ଭରତ ସାହୁ, ସାଧାରଣ ସମ୍ପାଦକ ଉଦିତ ଗହୀର, ସହ ସମ୍ପାଦକ ତୁଷାର ରଞ୍ଜନ ପଧାନ, କୋଷାଦକ୍ଷ ମାନସ ରଞ୍ଜନ ପଧାନ, ରୋହିତ କୁମାର ସାହୁ, ପଦ୍ମନାଭ ଦାଶ, ତୋଫାନ ଗୌଡ଼ିଆ, ମନବୋଧ ପଧାନ, ଭିକାରୀ ଗୌଡ଼ିଆ, ଅନାଦି ପଧାନ, ଭକ୍ତବନ୍ଧୁ ପଧାନ, ନେପାଳ ଭୋଇ, ସୁମନ୍ତ ଗହୀର, ବେଦବର ସାହୁ, ରାଜେନ୍ଦ୍ର ଗହୀର, ରାଜୀବ ଭୋଇ, ଖଗେଶ୍ୱର ଗହୀର, ଚୌଧୁରୀ ଭୋଇଙ୍କ ସମେତ ଗ୍ରାମର ଭଦ୍ରବ୍ୟକ୍ତି ଯୋଗ ଦେଇଥିଲେ ।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ହୃଦ୍‌ଘାତରେ ମୃତ୍ୟୁ

ଖଡ଼ିଆଳ,୮।୪(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡିଆଳ ବ୍ଲକର ପୂର୍ବତନ ଅଧକ୍ଷ ତଥା ଆଇନଜୀବୀ ମଧୁସୂଦନ ଦାସଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତୁକୁଲା ନିବାସୀ ମଧୁସୂଦନ ଗତ କିଛି ବର୍ଷ ଧରି ହୃଦଜନୀତ ରୋଗରେ ଆକ୍ରାନ୍ତ ଥିଲେ। ଫଳରେ ଭୁବନେଶ୍ୱରରେ ତାଙ୍କ ଝିଅ ଘରେ ରହି ଚିକିତ୍ସିତ ହେଉଥିଲେ। ଶୁକ୍ରବାର ସେ ହଠାତ ଅସୁସ୍ଥ ହୋଇପଡିଥିଲେ। କିଛି ସମୟ ପରେ ହୃଦଘାତ ଯୋଗୁ ପରଲୋକ ହୋଇଥିଲା। ସ୍ୱର୍ଗତ ଦାସ ଖଡ଼ିଆଳ ବ୍ଲକ ଅଧକ୍ଷ ରହିଥିବାବେଳେ ଦୁଇ ଥର ତୁକୁଲା ଗ୍ରାମ ପଞ୍ଚାୟତ ସରପଞ୍ଚ, ଜିଲାର ପ୍ରଥମ ଅମ୍ବିସମେନ ରହି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସୂଚାରୁ ରୂପେ କରିଥିଲେ। କଂଗ୍ରେସ ସରକାର ଅମଳରେ ଖଡ଼ିଆଳ କୋର୍ଟରେ ଏପିପି ମଧ ରହିଥିଲେ। ଭୁବନେଶ୍ୱରରେ ମୃତ୍ୟୁ ଖବର ଶୁଣି ତୁକୁଲା ଓ ଖଡ଼ିଆଳ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ମଧୁସୂଦନ ଦାସ।

# ଫସଲ ଉଜାଡ଼ିଲା ଅଦିନିଆ ବର୍ଷା, କୁଆପଥର

ନୂଆପଡ଼ା ଅଫିସ,୮।୪

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ କୁରୁମପୁରି ପଞ୍ଚାୟତ ଲିମଡିହି ଗାଁର ଏକର ଏକର ଧାନ,ପିଆଜ ଚାଷ ଅଦିନିଆ ବର୍ଷା ଓ କୁଆପଥର ମାଡ଼ରେ ନଷ୍ଟ ହୋଇଯାଇଛି। ନୂଆପଡ଼ା ଜିଲାରେ ୯୦ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରି ଖରିଫ ଓ ରବି ଋତୁରେ ଧାନ ଚାଷ ସହ ଚିନାବାଦାମ, ମୁଗ, ବିରି, ପନିପରିବା ଓ ଅନ୍ୟାନ ଚାଷ କରିଥାନ୍ତି। ଚଳିତ ରବିଋତୁରେ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ଧାନ ଓ ଅନ୍ୟାନ ଚାଷ କରାଯାଇଥିଲା। ଲିମଡିହି ଗାଁରେ ଜିରା ସିଂସାହୁ ୪ ଏକର ଜମିରେ ହାଇବ୍ରିଡ୍ ଧାନ ଚାଷ କରିଥିଲେ। ସେହିପରି ନିଳାବତି ସାହୁ ୬ଏକର, ବାବୁରାମ ସାହୁ ୨ ଏକର, ଆନନ୍ଦ ରାମ ସାହୁ ୪ ଏକର,ଚୈତରାମ ସାହୁ ୪ ଏକର ୨୫ ଡିସମିଲ, କୁନୁ ସାହୁ ୩ ଏକର ୫୦ ଡିସମିଲ, ଗେନ୍ଦରାମ ସାହୁ ୩ ଏକର ଜମିରେ ହାଇବ୍ରିଡ୍ ଧାନ କରିଥିଲେ। ଅଦିନିଆ ବର୍ଷା ଓ କୁଆପଥର ମାଡରେ ଧାନ ସବୁ ଝଡ଼ିଯାଇଛି। ଗାଁର ଗୁର୍ଜୁ ମଲ୍ଲିକ ଏକ ଏକର ଜମିରେ ପିଆଜ ଚାଷ କରିଥିଲେ। ଅତ୍ୟଧିକ ବର୍ଷା ଯୋଗୁ ଚାଷ ଜମିରେ ପାଣି ଜମି ରହିବା ଦ୍ୱାର ପିଆଜ ସବୁ ନଷ୍ଟ ହେବାରେ ଲାଗିଛି। ଅଦିନିଆ ବର୍ଷା ଭାଙ୍ଗିଦେଇଛି ଚାଷୀଙ୍କ ମେରୁଦଣ୍ଡ। ଅମଳ ପୂର୍ବରୁ ଉଜୁଡି ଯାଇଛି ଧାନ ଓ ପିଆଜ ଚାଷ। ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। କ୍ଷେତ ଚାରି ଆଡେ ଚାହିଁଲେ ସବୁଜ ସୁନ୍ଦର ଦିଶୁଥିଲା। ଚାଷୀ ଦୁଇ ପଇସା ପାଇବା ଆଶା ବାନ୍ଧିଥିଲେ। ହେଲେ ଅଦିନିଆ ବର୍ଷା ଓ କୁଆପଥର ଚାଷ ସବୁ ଉଜାଡି ଦେଲା। ଧାନ ସବୁ କେଣ୍ଡାରୁ ଝଡି ପଡିଛି। ଫସଲ ନଷ୍ଟ ହେବା ଦେଖି ଚାଷୀ ଦୁଃଖରେ ଭାଙ୍ଗି ପଡିଛନ୍ତି। କେମିତି ପରିବାର ପ୍ରତିପୋଷଣ କରିବା ସଙ୍ଗେ ଧାର କରଜ ସୁଝିବେ ସେହି ଚିନ୍ତାରେ ଚାଷୀ। କ୍ଷତି ହୋଇଥିବା ଧାନ ଚାଷ ଉପରେ ଆକଳନ କରି ଜିଲା ପ୍ରଶାସନ ତୁରନ୍ତ କ୍ଷତିପୂରଣ ଦେବା ପାଇଁ ସ୍ଥାନୀୟ ସରପଞ୍ଚ ରାୟଧର ବଘେଲ ଓ ଚାଷୀମାନେ ଦାବି କରିଛନ୍ତି। କୃଷି ଗ୍ରାମସେବକ ଚନ୍ଦ୍ରିକା ଶବରଙ୍କୁ ପଚାରିବାରୁ ଅଦିନିଆ ବର୍ଷା ଓ କୁଆପଥର ମାଡରେ ଧାନ ନଷ୍ଟ ହୋଇଛି। ଧାନ ଫସଲ ନଷ୍ଟ ଉପରେ ଆକଳନ କରି ରିପୋର୍ଟ ସରକାରଙ୍କୁ ପଠାଇ ଦେଇଛୁ ବୋଲି କହିଥିଲେ।



ନଷ୍ଟ ହୋଇଥିବା ଧାନ ଧରି ଛିଡା ହୋଇଛନ୍ତି ଚାଷୀ।

# ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା ଜଣାଇଲେ ପ୍ରଦିପ୍ତ



ରାଜ୍ୟ ସଭାପତିଙ୍କୁ ପ୍ରଦୀପ୍ତ ସମ୍ବର୍ଦ୍ଧନା ଜଣାଉଛନ୍ତି ।

ଭବାନୀପାଟଣା,୮।୪(ସ୍ୱ.ପ୍ର.)

କରୋନାରେ ଆକ୍ରାନ୍ତ ହୋଇ ଦୀର୍ଘଦିନ ଧରି ନୂଆ ଦିଲ୍ଲୀରେ ଚିକିତ୍ସାଧୀନ ଥିବା ଭବାନୀପାଟଣା ବିଧାୟକ ତଥା ପୂର୍ବତନ ବିରୋଧୀ ଦଳ ନେତା ପ୍ରଦିପ୍ତ ନାଏକ ଧିରେ ଧିରେ ସୁସ୍ଥ ହେବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ନୂଆଦିଲ୍ଲୀସ୍ଥିତ ଭାଜପା କେନ୍ଦ୍ରୀୟ କାର୍ଯ୍ୟାଳୟକୁ ଯାଇ ପ୍ରଦିପ୍ତ ନୂତନ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି। ସେହିପରି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂ, ଓଡିଶା ପ୍ରଦେଶ ପ୍ରଭାରୀ ସୁନୀଲ ବଂଶଲଙ୍କୁ ମଧ ସୌଜନ୍ୟମୂଳକ ସାକ୍ଷାତ କରିବା ସହ କଳାହାଣ୍ଡି ଜିଲାର ବିକାଶ ଓ ରାଜନୈତିକ ସମୀକରଣ ଉପରେ ମଧ ଆଲୋଚନା କରିଥିଲେ। ପିଏମ ଗତି ଶକ୍ତି ଯୋଜନାରେ ଜୁନାଗଡ ରୋଡଠାରୁ ନବରଙ୍ଗପୁର ୧୧୬କିମି ରେଳପଥକୁ ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହାଛଡା ଜୁନାଗଡ ରୋଡଠାରୁ ପ୍ରୟାଗରାଜ ପର୍ଯ୍ୟନ୍ତ ଏକ ସାପ୍ତାହିକ ଟ୍ରେନ ଚଳାଇବା ନିମନ୍ତେ ରେଳମନ୍ତ୍ରୀଙ୍କୁ ପ୍ରଦିପ୍ତ ପତ୍ର ଲେଖିଛନ୍ତି। ପ୍ରଦିପ୍ତଙ୍କ ଏହି ପତ୍ର ପରେ ରେଳମନ୍ତ୍ରୀ ଖୁବଶୀଘ୍ର ଏହି ଦାବି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରଦୀପ୍ତଙ୍କ ସ୍ୱାସ୍ଥ୍ୟବସ୍ଥାରେ ପୂର୍ବପେକ୍ଷା ଉନ୍ନତି ଆସିଥିବାରୁ ଖୁବଶୀଘ୍ର କଳାହାଣ୍ଡିକୁ ଆସି ସକ୍ରିୟ ରାଜନୀତିରେ ଯୋଗଦେବେ ବୋଲି ସେ ପ୍ରକାଶ କରିଛନ୍ତି।

# ଝଡ଼ତୋଫାନ: ହାଇସ୍କୁଲର ପାଚେରି ଭାଙ୍ଗିଲା

ଲାଞ୍ଜିଗଡ,୮।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଅଞ୍ଚଳରେ ଶନିବାର ଅପରାହ୍ନରେ ଝଡ଼ତୋଫାନ ହୋଇ ବ୍ୟାପକ କ୍ଷୟକ୍ଷତି ଘଟିଛି । ବର୍ଷା ସାଙ୍ଗକୁ ପ୍ରବଳ ବେଗରେ ପବନ ବହିବା ଫଳରେ ଲାଞ୍ଜିଗଡ଼ ଆର୍‌ଆଇ ଅଫିସ ନିକଟ ଲାଞ୍ଜିଗଡ ହାଇସ୍କୁଲର ପାଚେରି ଭିତରେ ଥିବା ଏକ ବିରାଟ ଗଛ ଭାଙ୍ଗି ରାସ୍ତା ଉପରେ ପଡିଯାଇଛି। ଏଥିଯୋଗୁ ଲାଞ୍ଜିଗଡ଼ରୁ ବିଶ୍ୱନାଥପୁରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତାରେ ଦୀର୍ଘ ସମୟ ଯାଏ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ଏ ସମ୍ପର୍କରେ ଖବର ପାଇ ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ରାସ୍ତାରେ ପଡ଼ିଥିବା ଗଛକୁ ହଟାଇ ଦିଆଯାଇଛି। ଫଳରେ ଯାତାୟତ ସ୍ୱାଭାବିକ ହୋଇଛି। ଅଗ୍ନିଶମ କେନ୍ଦ୍ର ଅଧିକାରୀ ସନତ ପ୍ରଧାନ, ହାବିଲଦାର ଦେବରାଜ ପ୍ରଧାନ, ସହକର୍ମୀ ସୁନୀଲ ବାର୍ଲା, ଦୁଷ୍ମନ୍ତ ସାହୁ, ମହେନ୍ଦ୍ର ଭୋଇ, ବସନ୍ତ ବେହେରା ପ୍ରମୁଖ ରାସ୍ତା ଅବରୋଧ ହଟାଇବା କାର୍ଯ୍ୟରେ ସାମିଲ ହୋଇଥିଲେ। ସେହିପରି ରାସ୍ତା ନିକଟରେ ଥିବା ହାଇସ୍କୁଲ ପାଚେରି ଉପରେ ଗଛଟି ପଡ଼ିଯିବାରୁ ପାଚେରି ଭାଙ୍ଗିଯାଇଛି। ଏପରି କି ଗଛ ପଡ଼ି ତାର ଛିଣ୍ଡିଯିବାରୁ ଲାଞ୍ଜିଗଡ଼ ସହରରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହୋଇଛି। ଅପରପକ୍ଷରେ ଲାଞ୍ଜିଗଡ ବଜାରପଡାରେ ହେବାକୁ ଥିବା ଅଷ୍ଟପ୍ରହରୀର ସାଜସଜ୍ଜାରେ ସାମାନ୍ୟ କ୍ଷୟକ୍ଷତି ହୋଇଥିବା ବେଳେ ମୁଖ୍ୟ ତୋରଣ ଭାଙ୍ଗି ପଡ଼ିବାରୁ ବଜାରପଡାକୁ ମଧ ଯାତାୟତ ବାଧାପ୍ରାପ୍ତ ହୋଇଛି ।



ରାସ୍ତାରେ ପଡିଥିବା ଗଛ କଟାଯାଉଛି ।

**ତାର ଛିଣ୍ଡି ବିଦ୍ୟୁତ୍ ସେବା ବାଧାପ୍ରାପ୍ତ**

# ସାମାଜିକ ଗଣମାଧ୍ୟମରେ ଲୋକାଭିମୁଖୀ ଯୋଜନାର ପ୍ରଚାର ପାଇଁ ଆହ୍ୱାନ

ଭବାନୀପାଟଣା,୮।୪(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଶନିବାର ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ, ଡିଜିଟାଲ ସଂଯୋଜକମାନଙ୍କର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିଜେଡ଼ି ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ବିଜେଡ଼ି ସାଧାରଣ ସମ୍ପାଦକ ଭବାନୀ ଶଙ୍କର ମିଶ୍ର, ଜିତେନ୍ଦ୍ର ମହାନ୍ତି, ପ୍ରଦୀପ ମୁଣ୍ଡ, ରାଜ୍ୟ ଛାତ୍ର ବିଜେଡ଼ି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ଯୁବ ବିଜେଡ଼ି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ଭବାନୀପାଟଣା ପୌରାଧକ୍ଷ ସଂଯୁକ୍ତା ବେହେରା ଯୋଗ ଦେଇଥିଲେ। ଏହାଛଡା ଜିଲା ମହିଳା ସଭାନେତ୍ରୀ ଲଳିତା ନାଏକ, କେସିଙ୍ଗା ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ଜୋନ ଯୁବ ସଭାପତି ମନିନ୍ଦ୍ର ମହାନ୍ତି, ଜିଲା ଛାତ୍ର ବିଜେଡ଼ି ସଭାପତି ଅଜିତ ସାହୁ, ପୌର ଉପାଧକ୍ଷ ବିଷ୍ଣୁ ପ୍ରଧାନ, ରାଜ୍ୟ ଯୁବ ସହ ସମ୍ପାଦକ ରବି ପଟ୍ଟନାୟକ, ସଂଖ୍ୟା ଲଘୁ ସେଲ ସଭାପତି ମହମ୍ମଦ କାଦୀର, ଆଇଟି ସେଲ ସଭାପତି ସତ୍ୟବ୍ରତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ତୃଣମୂଳ ସ୍ତରରେ ଛାତ୍ର ଓ ଯୁବ ସଂଗଠନକୁ ସୁଦୃଢ ଓ କ୍ରୀୟାଶୀଳ କରିବା ପାଇଁ ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ ଏକ ନୂତନ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାଛଡା ଆଗାମୀ ଦିନରେ କଳାହାଣ୍ଡି ଜିଲାରେ ସାମାଜିକ ଗଣମାଧମ ଜରିଆରେ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଚାର କରିବା ଓ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ କଳାହାଣ୍ଡି ମେଡିକାଲ କଲେଜ ପାଇଁ ଜାତୀୟ ମେଡିକାଲ ଆୟୋଗ ୧୦୦ଟି ଏମ୍‌ବିବିଏସ ସିଟ୍ ଅନୁମୋଦନ କରିଥିବାରୁ ଜିଲା ଛାତ୍ର ଓ ଯୁବ ଜନତା ଦଳ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଥଲା । ଏହି ଅବସରରେ ସମସ୍ତ ସୋସିଆଲ ମିଡ଼ିଆ ସଂଯୋଜକ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୀତବାସ ବେହେରାଙ୍କୁ ଯୁବ ଟାଉନ ସଭାପତି ଘୋଷଣା କରାଯାଇଥିଲା।

# ଫରସରା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ




ଫରସରା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ବୋଡେନ, ୮।୪ (ଡି.ଏନ୍.ଏ.)

ନୂଆପଡ଼ା ଜିଲା ବୋଡେନ ବ୍ଲକ ଫରସରା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ସୁଶିଳ କୁମାର ପତିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, ଅଧାପକ ଗୟାଧର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ନନ୍ଦି କିଶୋର ତାଣ୍ଡି, ଡିଆଇ (ଏସ୍‌ଏସ୍‌ଡି) ଉଦୟ ସିଂ ମାଝୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ହିମାଂଶୁ ଶେଖର କୁମ୍ଭାର, ଧୋବେଇ ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ ତଥା ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ବୋଡେନ ବ୍ଲକ ସଭାପତି ଶ୍ୟାମକୁମାର ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ଆଶ୍ରମ ସ୍କୁଲ ଶିକ୍ଷକ ପ୍ରଫୁଲ୍ଲ ଜଗତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଲିଲେନ୍ଦ୍ର ହଂସ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ମୋହନ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଛାତ୍ରମାନେ ସଫା କରୁଛନ୍ତି ପାଣି ଟାଙ୍କି

ନୂଆପଡ଼ା ଅଫିସ, ୮।୪

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ତରବୋଡ ଠାରେ ଅବସ୍ଥାପିତ ଜବାହାର ନବୋଦୟ ବିଦ୍ୟାଳୟ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବାରୁ ଅଭିଭାବକ କମିଟି ଓ ସ୍ଥାନୀୟ ଅଭିଭାବକମାନେ ଗୁରୁବାର ନୂଆପଡ଼ା ଜିଲାପାଳ ହେମକାନ୍ତ ସାଏଙ୍କୁ ସ୍କୁଲ ପରିଚାଳନା କମିଟି ମିଟିଙ୍ଗରେ ଯୋଗଦେବା ପାଇଁ ଯାଇଥିବା ସମୟରେ ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୋଗ ଅନୁଯାୟୀ ଜିଲାପାଳ ସାଏ ବିଦ୍ୟାଳୟର ଅଧକ୍ଷା ଶାନ୍ତି ମହାନ୍ତିଙ୍କୁ ଗୋଟିଏ ମାସ ମଧ୍ୟରେ ସମସ୍ୟାର ସମାଧାନ ସହ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଗୋଟିଏ ଦିନ ବ୍ୟବଧାନରେ ବିଦ୍ୟାଳୟର ଛାତ୍ରମାନଙ୍କୁ ଅଧକ୍ଷା ପାଣି ଟାଙ୍କି ସଫା କରିବା କାର୍ଯ୍ୟରେ ନିୟୋଜନ କରିଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ସଂକ୍ରାନ୍ତରେ ବିଦ୍ୟାଳୟର ଅଧକ୍ଷା ମହାନ୍ତିଙ୍କୁ ପଚାରିବାରୁ ପ୍ରତିଦିନ ବା ଛୁଟିଦିନରେ ଗୋଟିଏ ଘଣ୍ଟା ଛାତ୍ରୀଛାତ୍ରଙ୍କୁ ସାମାଜିକ କାର୍ଯ୍ୟରେ ନିୟୋଜିତ କରିଥାଉ। କାହିଁକି ନା ପିଲାମାନେ ନିଜ କାମ ନିଜେ କରିବା ଶିଖିବେ। ଶୁକ୍ରବାର ଗୁଡ୍‌ଫ୍ରାଇଡେ ରହିଥିଲା। ସେଥିପାଇଁ ପିଲାଙ୍କୁ ଗୋଟିଏ ଘଣ୍ଟା ସାମାଜିକ କାର୍ଯ୍ୟରେ ନିୟୋଜିତ କରିଥିଲୁ। ପାଣିଟାଙ୍କି ସଫା କରୁ ନ ଥିଲେ। ନୂଆପଡା ଜିଲାପାଳ ସାଏଙ୍କୁ ପଚାରିବାରୁ ତଦନ୍ତ କରାଯିବ। ରିପୋର୍ଟ ଆସିଲା ପରେ ସତ୍ୟାସତ୍ୟ କ'ଣ ଜଣାପଡିବ ବୋଲି କହିଥିଲେ।



ଛାତ୍ରମାନେ ପାଣି ଟାଙ୍କି ସଫା କରୁଛନ୍ତି।

**ତରବୋଡ ଜବାହାର ନବୋଦୟ ବିଦ୍ୟାଳୟ**

# ପର୍ଶୁରାମ ଜନ୍ମୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ।

କୋକସରା,୮।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁରେ ବ୍ଲକସ୍ତରୀୟ ପର୍ଶୁରାମ ଜନ୍ମୋତ୍ସବ ପାଳନ ପାଇଁ ଶନିବାର ଲଡୁଗାଁ ମାଝୀପଡାସ୍ଥିତ ବ୍ରାହ୍ମଣ ସମାଜ ଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷ୍ଣଚନ୍ଦ୍ର ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ସମ୍ପାଦକ ଶ୍ରୀମନ୍ତ ପାଢ଼ୀ, କାଶିବାହାଲ ସଭାପତି ଦାଶରଥି ବେହେରା, ପର୍ଶୁରାମ ବାହିନୀର ବରିଷ୍ଠ ସଦସ୍ୟ ମନୋଜ ଶର୍ମା, ଗୋଦାବରୀଶ ପାତ୍ର ଯୋଗ ଦେଇଥିଲେ। ଭାରତ ଭୂଷଣ ଠାକୁର ସ୍ୱାଗତ ଭାଷଣ ଦେଇଥିଲେ। ବୈଠକର ଆଭିମୁଖ୍ୟ ଓ ପର୍ଶୁରାମ ଜନ୍ମୋତ୍ସବ କାର୍ଯ୍ୟକ୍ରମ ଉପରେ ଶ୍ରୀମନ୍ତ କୁମାର ପାଢୀ ପ୍ରସ୍ତୁତି ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ଶ୍ରବଣ କୁମାର ପାଢୀ, କୁନାଲ ଯୋଷୀ, ଶ୍ରୀକାନ୍ତ ଶର୍ମା, ଗଣେଶ ନନ୍ଦ, ଈଶ୍ୱରୀ ପ୍ରସାଦ ଅଗସ୍ତି, ରାଜେନ୍ଦ୍ର ଖାନସମା, ଦୁଷ୍ମନ୍ତ ପାଟଯୋଷୀଙ୍କ ସମେତ ପର୍ଶୁରାମ ବାହିନୀର ଅନେକ କର୍ମକର୍ତ୍ତା ଉପସ୍ଥିତ ରହି ଆଗାମୀ କାର୍ଯପନ୍ଥା ସମ୍ବନ୍ଧରେ ଆଲୋଚନା କରିଥିଲେ।

# ୩୭୪୬ ଜଣଙ୍କ କଟାଗଲା ଚାଲାଣ: ୧୩୭ ଯାନ ଜବତ

ଭବାନୀପାଟଣା,୮।୪(ସ୍ୱ.ପ୍ର.)

ସମଗ୍ର ରାଜ୍ୟରେ ଗତ ୧ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ମୃତ୍ୟୁ ଶୂନ୍ୟ ସପ୍ତାହ ପାଳନ କରାଯାଇଥିଲା। କଳାହାଣ୍ଡି ଜିଲାରେ ଏହି ସପ୍ତାହ ପାଳନ ଅବସରରେ ଜିଲାର ବିଭିନ୍ନ ସ୍ଥାନରେ ଆରଟିଓ ଓ ପୋଲିସ ପକ୍ଷରୁ କଡାକଡି ଯାଞ୍ଚ କରାଯାଇଥିଲା। ଏହି ୭ ଦିନ ମଧରେ ଉଭୟ ଆରଟିଓ ଓ ପୋଲିସ ବିଭାଗ ପକ୍ଷରୁ ସଡକ ସୁରକ୍ଷା ନିୟମ ଖିଲାପକାରୀ ୩୭୪୬ ଜଣଙ୍କ ଚାଲାଣ କଟାଯାଇଥିବା ବେଳେ ୧୩୭ଟି ଯାନ ଜବତ କରାଯାଇଥିଲା। ୧କୋଟି ୪୪ଲକ୍ଷ ୩୬ହଜାର ୬୪୮ ଟଙ୍କା ଚାଲାଣ କଟାଯାଇଥିବା ସୂଚନା ମିଳିଛି। ଏହି ସପ୍ତାହ ମଧରେ କେବଳ ଆରଟିଓ ପକ୍ଷରୁ ୧୫୩୬ ଜଣଙ୍କ ଚାଲାଣ କଟାଯାଇଥିବା ବେଳେ ୧୩୬ଟି ଯାନ ଜବତ ଓ କଟାଯାଇଥିବା ଚାଲାଣ ୧କୋଟି ୧୯ଲକ୍ଷ ୨୧ହଜାର ୬୪୮ ଟଙ୍କା ବୋଲି ଜଣାପଡିଛି। ସେହିପରି ପୋଲିସ ବିଭାଗ ପକ୍ଷରୁ ୨୨୧୦ଜଣଙ୍କ ଚାଲାଣ କଟାଯାଇଥିବା ବେଳେ ଗୋଟିଏ ଯାନ ଜବତ ଓ କଟାଯାଇଥିବା ଚାଲାଣ ୨୫ ଲକ୍ଷ ୧୫ହଜାର ବୋଲି ଜଣାପଡିଛି। ପୂର୍ବରୁ ଆରଟିଓଙ୍କ ନିର୍ଦ୍ଦେଶ ଅନୁଯାୟୀ ସପ୍ତାହ ବ୍ୟାପି ଜିଲାର ପେଟ୍ରୋଲ ପମ୍ପଗୁଡିକରେ ବିନା ହେଲମେଟରେ ଆରୋହୀଙ୍କୁ ପେଟ୍ରୋଲ ଦିଆଯାଉ ନ ଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଏହି ଜିରୋ ଫାଟାଲିଟି ଉଇକ କେବଳ ନୁହେଁ, ସବୁବେଳେ ସଡକ ସୁରକ୍ଷାର ନିୟମ ମାନି ନିରାପଦରେ ଯାତ୍ରା କରିବାକୁ କଳାହାଣ୍ଡି ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ଗତିକୃଷ୍ଣ ସାମନ୍ତରାୟ ପରାମର୍ଶ ଦେଇଛନ୍ତି।

# ବିଳମ୍ବରେ ଖୋଲିଲା ସ୍କୁଲ ଗେଟ୍

ଖଡ଼ିଆଳ,୮।୪(ଡି.ଏନ.ଏ)

■ ଗେଟ୍ ବାହାରେ ଛାତ୍ରୀଛାତ୍ର ହଇହଟା
■ ପ୍ରଧାନଶିକ୍ଷୟିତ୍ରୀ ବିଳମ୍ବରେ ପହଞ୍ଚିଲେ

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ କୋଟିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୋଆଦେଈ ବାଗ ଶନିବାର ସକାଳେ ବିଳମ୍ବରେ ପହଞ୍ଚି ଥିବାରୁ ଛାତ୍ରୀଛାତ୍ର ଗେଟ ବାହାରେ ଦୀର୍ଘ ଏକ ଘଣ୍ଟାକାଳ ଅପେକ୍ଷା କରି ହଇହଟା ହୋଇଥିଲେ। ଶନିବାର ବିଦ୍ୟାଳୟଗୁଡ଼ିକ ସକାଳୁଆ ପାଠ ପଢାଥିଲା। ହେଲେ କୋଟିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିଜେ ବିଦ୍ୟାଳୟ ମୁଖ୍ୟଗେଟର ତାଲା ଚାବି ରଖିଥିଲେ ହେଁ ସେ ପୂର୍ବାହ୍ନ ୭ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଆସି ନ ଥିଲେ। ଗେଟ୍ ଖୋଲା ହୋଇ ନ ଥିବାରୁ ଛାତ୍ରୀଛାତ୍ର ଦୀର୍ଘ ଏକ ଘଣ୍ଟା କାଳ ଗେଟ୍ ବାହାରେ ଅପେକ୍ଷା କରିରହିଥିଲେ। ଏପରିକି ଅନେକ ଛାତ୍ରୀଛାତ୍ର ସ୍କୁଲ ଗେଟ ଓ ପାଚେରୀକୁ ଚଢି ଭିତରକୁ ବିପଦପୂର୍ଣ୍ଣ ଭାବେ ଯିବାଆସିବା କରୁଥିଲେ। ଏତିକି ସମୟରେ ଖଡ଼ିଆଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ବୀରସେନ ବେହେରା ସେହି ବିଦ୍ୟାଳୟ ଦେଇ ଯାଉଥିବାବେଳେ ଏହି ଦୃଶ୍ୟକୁ ଦେଖିଥିଲେ। ପରେ ସେ ବିଦ୍ୟାଳୟ ସମ୍ମୁଖରେ ଅଟକି ଗେଟ ବାହାରେ ଥିବା ଛାତ୍ରୀଛାତ୍ର ଓ ଜଣେ ସହ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ବିଡ଼ିଓ ତୁରନ୍ତ ଫୋନ ଯୋଗେ ପ୍ରଧାନ ଶିକ୍ଷୟିତ୍ରୀ ଜଣକ ପୂର୍ବାହ୍ନ ୭ଟା ଯାଏଁ ବିଦ୍ୟାଳୟକୁ ପହଞ୍ଚି ନ ଥିବା ନେଇ ଖଡ଼ିଆଳ ବ୍ଲକ ସହଶିକ୍ଷା ଅଧିକାରୀ ପ୍ରମୋଦ ନାଥ ପତିଙ୍କୁ ଜଣାଇବା ସହ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପ୍ରଧାନ ଶିକ୍ଷୟିତ୍ରୀ ଜଣକ ସକାଳ ୭ଟା ୧୫ରେ ବିଦ୍ୟାଳୟରେ ପହଞ୍ଚିଥିଲେ। ପହଞ୍ଚିବାରେ କାହିଁକି ବିଳମ୍ବ ହେଲା ବୋଲି ବିଡ଼ିଓ ପଚାରିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଜଣକ ନିଜ ଘରୋଇ କାମରେ ବ୍ୟସ୍ତଥିବାରୁ ବିଳମ୍ବ ଘଟିଥିବା ସଫେଇ ଦେଇଥିଲେ। ପରେ ବିଡ଼ିଓଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷୟିତ୍ରୀ ଜଣକ ଗେଟ ତାଲା ଖୋଲିବା ପରେ ହିଁ ଛାତ୍ରୀଛାତ୍ର ଭିତରକୁ ପ୍ରବେଶ କରିଥିଲେ।



ଗେଟ୍ ଖୋଲି ନ ଥିବାରୁ ବାହାରେ ଛାତ୍ରୀଛାତ୍ର।

**ଧାନ ଚାଷ ଉପରେ ତାଲିମ ଶିବିର**

ବରଗଡ଼ ଅଫିସ: ବରଗଡ଼ ଜିଲା ଭେଡେନ ବ୍ଲକ ଅନ୍ତର୍ଗତ ରେମଣ୍ଡା ପଞ୍ଚାୟତ କାର୍ଯ୍ୟାଳୟଠାରେ ମହାଶକ୍ତି ଫାଉଣ୍ଡେଶନ ଓ କୋର୍ କାର୍ବନ ଏକ୍ସ ସଲ୍ୟୁଶନ ପ୍ରାଇଭେଟ ଲିମିଟେଡ୍‌ର ମିଳିତ ଆନୁକୂଲ୍ୟରେ ଓଦା, ଶୁଖିଲା ପଦ୍ଧତିରେ ଧାନଚାଷ ସମ୍ବନ୍ଧରେ ଏକ ଗ୍ରାମ୍ୟସ୍ତରୀୟ ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଉଦ୍ଧବ ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରିଥିଲେ। ସିସିଏକ୍ସର ପ୍ରକଳ୍ପ ଚିରନ୍ତନ ଧାନ ଉତ୍ପାଦନ ଯୋଜନାର ଓଦା, ଶୁଖିଲା ପଦ୍ଧତିରେ ଧାନ ଚାଷ ସମ୍ବନ୍ଧରେ ସୁବୋଧ କୁମାର ସାହୁ ତାଲିମ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ

**ବରଗଡ଼ ଅଫିସ,୮।୪:** ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ- ୬ର ଡାକ୍ତରଖାନା ସମ୍ମୁଖରୁ ଭାରତ ଗ୍ୟାସ ଗଳି ରାସ୍ତା ଦୀର୍ଘଦିନରୁ ଶୋଚନୀୟ ଅବସ୍ଥାରେ ରହିଥିଲା। ଯାତାୟାତରେ ସ୍ଥାନୀୟ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଶନିବାର ଏହି ଗଳିରାସ୍ତା ଓ ଡ୍ରେନ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। କାଉନସିଲର ଜନକ ଅଗ୍ରୱାଲ ରାସ୍ତା ନିର୍ମାଣ ସକାଶେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ। ବିଧାୟକ ଆଚାର୍ଯ୍ୟ ଏହି କାର୍ଯ୍ୟ ବର୍ଷା ପୂର୍ବରୁ ସାରିବା ପାଇଁ ପୌର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ଝାରବନ୍ଧରେ ନୂଆ ମନ ନୂଆ ସପନ କାର୍ଯ୍ୟକ୍ରମ



**ଝାରବନ୍ଧ,୮।୪(ଡି.ଏନ.ଏ.):** ବରଗଡ଼ ଜିଲା ଝାରବନ୍ଧ ଥାନା ପକ୍ଷରୁ ନୂଆ ମନ ନୂଆ ସପନ କାର୍ଯ୍ୟକ୍ରମ ରାଜେନ୍ଦ୍ରପୁର ଓ କୁରଲୁପାଲିଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରଗଡ଼ ଏସ୍‌ପି ପି. ଏସ୍. ମିନା, ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ସରପଞ୍ଚ ସୁକାନ୍ତୀ ସାହୁ, ଲକ୍ଷ୍ମୀବାଇ ନାଏକ, ଅହଲ୍ୟା ପଟେଲ, ହୃଷୀକେଶ ବରିହା ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ସହିତ ଜନସାଧାରଣଙ୍କ ସୁସମ୍ପର୍କରେ ଅପରାଧ ନିୟନ୍ତ୍ରଣ ହୋଇପାରିବ ବୋଲି ଏସ୍‌ପି ମୀନା କହିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧରେ ନାଚଗୀତ, କ୍ରିକେଟ ପ୍ରତିଯୋଗିତା ହୋଇଥିଲା। ଏସ୍‌ପି ମିନା ସମସ୍ତଙ୍କୁ ପୁରସ୍କାର ଏବଂ ବୃଦ୍ଧାବୃଦ୍ଧଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ଥାନାଧିକାରୀ ଦିଲୀପ କୁମାର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭିଏସ୍‌ଏସ୍ କ୍ଲବର ନୂତନ ଗୃହ ଉଦ୍‌ଘାଟିତ

**ବରଗଡ଼ ଅଫିସ/ବରପାଲି,୮।୪:** ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ଅମ୍ଭାପତ୍ରା ଗ୍ରାମରେ ଭିଏସ୍‌ଏସ୍ କ୍ଲବର ନୂତନ ଗୃହ ଶନିବାର ଉଦ୍‌ଘାଟିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ବୀର ସୁରେନ୍ଦ୍ର ସାଏଙ୍କ ନାମରେ ନାମିତ ଏହି କ୍ଲବର ସଦସ୍ୟମାନେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ସାମିଲ ରଖିବା ସହିତ ସମାଜସେବା ପାଇଁ ଆଗେଇ ଆସନ୍ତୁ ବୋଲି ବିଧାୟକ ଆଚାର୍ଯ୍ୟ ଆହ୍ୱାନ ଦେଇଥିଲେ। ସରପଞ୍ଚ ରବୀନ୍ଦ୍ର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ, ସମିତିସଭ୍ୟା ସ୍ୱର୍ଣ୍ଣମୟୀ ଭୋଇ, କଟାପାଲି ସରପଞ୍ଚ ଗଙ୍ଗାଧର ଦାଶ, ପୂର୍ବତନ ସରପଞ୍ଚ ଭକ୍ତ ଷଣ୍ଢ, ଆଶିଷ ଭୋଇଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମରେ ବିଶ୍ୱଶାନ୍ତି ଯଜ୍ଞ ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ବିଧାୟକ ଆଚାର୍ଯ୍ୟ ଏଥିରେ ସାମିଲ ହୋଇଥିଲେ।

### କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ବରଗଡ଼ ଅଫିସ,୮।୪:** ବରଗଡ଼ ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସଂସଦର ସାଧାରଣ ସମ୍ପାଦକ କିଶୋର କୁମାର ମିଶ୍ରଙ୍କ ଅଧକ୍ଷତା ଓ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଆପିକଲ୍‌ର ଅଧକ୍ଷ ପ୍ରଭାତ ଆଦିତ୍ୟ ମିଶ୍ର ମୁଖ୍ୟ ଅତିଥି, ପୂର୍ବତନ ସାଧାରଣ ସମ୍ପାଦକ ଅରୁଣ କୁମାର ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର, କ୍ରୀଡା ସମ୍ପାଦକ ହରଦୀପ ସିଂ, କୋଷାଧକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ଆଉଟ୍‌ଡୋର ଗେମ୍ସ ସମ୍ପାଦକ ସୁରେଶ ଦାଶ, କାଉନସିଲ ସଦସ୍ୟ ଦିଲୀପ ସାୱଡ଼ିଆ, ପ୍ରାକ୍ତନ ଖେଳାଳୀ କେଶବ ମିଶ୍ର, ପ୍ରଦୀପ ନନ୍ଦ, ଜ୍ଞାନ ରଞ୍ଜନ ପୂଜାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାରେ ଜିଲାର ଅନୁବନ୍ଧିତ କ୍ଲବ, ଶିକ୍ଷାନୁଷ୍ଠାନର ୭୦୦ ଖେଳାଳି ଭାଗ ନେଇଥିଲେ। ଏହି ପ୍ରତିଯୋଗିତାକୁ ପ୍ରାୟ ୭୦ କ୍ରୀଡ଼ା ଶିକ୍ଷକ ଅଫିସିଆଲ ଭାବେ କାର୍ଯ୍ୟ ତୁଲାଇଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ରାଜ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି।

# ୩ ପଥକରର ଫାଟକ ବନ୍ଦ ହେଉନି

- ଦଶନ୍ଧି ଧରି ଚାଲିଛି ମାହାସୁଲ ଅସୁଲି
- ରାଜନେତା, ପ୍ରଶାସନ ଅସହାୟ

**ସୋନପୁର,୮।୪(ନି.ପ୍ର.)**




ସୋନପୁର-ବିନିକା ରାସ୍ତାର ଘୋଡାଧାରଠାରେ ଥିବା ଟୋଲଗେଟ୍‌ରେ ଟିକସ ଆଦାୟ ଚାଲିଛି।

ସୁବର୍ଣ୍ଣପୁର ଜିଲାର ୩ଟି ସ୍ଥାନରେ ଥିବା ପଥକର ଫାଟକ(ଟୋଲ ଗେଟ୍)ରୁ ଦୀର୍ଘ ବର୍ଷ ଧରି ଟିକସ ଆଦାୟ ହେଉଛି। ବ୍ରିଜ୍ ନିର୍ମାଣର ଖର୍ଚ୍ଚ ବାହାରି ସାରିଥିଲେ ମଧ୍ୟ ସରକାର ଟୋଲଗେଟ୍‌ଗୁଡିକୁ ବନ୍ଦ କରୁନାହାନ୍ତି। ବିଧାନସଭାରେ ପ୍ରଶ୍ନ ପଚାରିଲେ ମଧ୍ୟ ସ୍ପଷ୍ଟ ଉତ୍ତର ମିଳୁନି। ସାଧାରଣରେ ଏଥିନେଇ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା ବେଳେ ରାଜନେତା ଓ ପ୍ରଶାସନ ଅସହାୟ ହୋଇ ପଡିଛନ୍ତି।

ସୋନପୁର-ବିନିକା-ଡୁଙ୍ଗୁରିପାଲି ରାସ୍ତାର ଘୋଡାଧାରଠାରେ ଅଙ୍ଗନଦୀ ଉପରେ ୩୦ବର୍ଷ ପୂର୍ବରୁ ବ୍ରିଜ୍ ନିର୍ମାଣ ହୋଇଛି। ସେହି ଦିନଠାରୁ ଓଡିଶା ବ୍ରିଜ୍ ନିର୍ମାଣ ସଂସ୍ଥା ପକ୍ଷରୁ ପ୍ରତ୍ୟେକ ବର୍ଷ ଟେଣ୍ଡର କରାଯାଇ ଟୋଲ ଟିକସ ଆଦାୟ କରାଯାଉଛି। ବ୍ରିଜ୍ ନିର୍ମାଣରେ ସେତେବେଳେ ୩କୋଟି ଟଙ୍କା ବ୍ୟୟ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଟୋଲ ଟିକସରୁ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ସରିଲାଣି। ତଥାପି ମହାସୁଲ ଫାଟକ ବନ୍ଦ ହେଉନି। ଏହି ରାସ୍ତା ଦେଇ ଯାତାୟତ କରୁଥିବା ଯାନବାହାନରୁ ଯଥାରୀତି ଟିକସ ଆଦାୟ ଚାଲିଛି। ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର ଅଧିବାସୀ ବୁର୍ଲା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଚାରିଚକିଆ ଯାନରେ ଯିବା ଆସିବା ସମୟରେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଫାଟକରେ ଅଯଥା ଭିଡ ପାଇଁ ରୋଗୀ ଓ ପରିଜନ ଅଯଥା ହଇରାଣ ହେଉଛନ୍ତି। ଅନ୍ୟପକ୍ଷେ ବ୍ରିଜ୍ ମରାମତି ଆବଶ୍ୟକ କରୁଥିବା ବେଳେ ସେଥିପ୍ରତି କାହାରି ଦୃଷ୍ଟି ନାହିଁ।

ସେହିପରି ସୋନପୁର ନିକଟରେ ମହାନଦୀ ଉପରେ ବ୍ରିଜ୍ ନିର୍ମାଣ ହୋଇଛି। ବ୍ରିଜ୍ ପ୍ରାୟ ୨୦ବର୍ଷ ପୂର୍ବରୁ ଉଦ୍‌ଘାଟନ ହେଲାଣି। କିନ୍ତୁ ହିକୁଡି ଛକରେ ଯାନବାହାନ ନିକଟରୁ ମାହାସୁଲ ଆଦାୟ କରାଯାଉଛି। ଏହି ମୁଖ୍ୟ ରାସ୍ତାଦେଇ ଦୈନିକ ଶତାଧିକ ଯାନବାହାନ ସମ୍ବଲପୁର, ବୁର୍ଲା ଓ ବୀରମହାରାଜପୁରକୁ ଯିବା ଆସିବା କରୁଛି । ଆଶ୍ଚର୍ଯ୍ୟର ବିଷୟ ସୋନପୁର ବ୍ରିଜ୍ ସହିତ ବୌଦ୍ଧ ଜିଲାର ବୌଦ୍ଧ-ଟିଆକଟା ବ୍ରିଜ୍ କାର୍ଯ୍ୟ ସମାନ ସମୟରେ ସରିଥିଲା। ବୌଦ୍ଧରେ ମହାସୁଲ ଅସୁଲି ଅନେକ ବର୍ଷ ତଳୁ ବନ୍ଦ ହୋଇଛି। ମାତ୍ର ସୋନପୁର ହିକୁଡିରେ ଟିକସ ଆଦାୟ ବନ୍ଦ ହେଉନି।

ବୀରମହାରାଜପୁର ବ୍ଲକର ସୁବଳୟାଠାରେ ସୁରୁବାଲି ଯୋରରେ ପ୍ରାୟ ୨୬ ବର୍ଷ ପୂର୍ବରୁ ବ୍ରିଜ୍ ନିର୍ମାଣ ହୋଇଛି। ଏହି ରାସ୍ତା ଦେଇ ଲୋକେ ମୁର୍ଷୁଣ୍ଡି, ବୀରମହାରାଜପୁର, ରେଢାଖୋଲ ଓ ବୌଦ୍ଧକୁ ଯିବା ଆସିବା କରିବା ସମୟରେ ଟିକସ ଦେବାକୁ ପଡୁଛି। ଜିଲାର କେତେକ ସଚେତନ ନାଗରିକ ଉପରୋକ୍ତ ବ୍ରିଜ୍ ରାସ୍ତାରେ ମାହାସୁଲ ଫାଟକ ବନ୍ଦ କରିବାକୁ ପ୍ରାକ୍ତନ ଜିଲାପାଳଙ୍କ ନିକଟରେ ଲିଖିତ ଦାବି କରିଥିଲେ। କିନ୍ତୁ କୌଣସି ସୁଫଳ ମିଳିଲାନି। ୨୦୨୨ରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଏ ସମ୍ପର୍କରେ ଓଡିଶା ବିଧାନସଭାରେ ପ୍ରଶ୍ନ ପଚାରି ଥିଲେ। ଦୀର୍ଘବର୍ଷ ଧରି ଟିକସ ଆଦାୟ କରାଯିବା ନେଇ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ତଥ୍ୟ ସଂଗ୍ରହ ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲାନି। ଅନ୍ୟପକ୍ଷେ ବ୍ରିଜ୍ ନିର୍ମାଣ ସମ୍ପର୍କିତ କୌଣସି ଫାଇଲ ସୁବର୍ଣ୍ଣପୁର ଓ ବଲାଙ୍ଗୀର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟରୁ ମିଳୁନି। ବ୍ରିଜ୍ ନିର୍ମାଣ ସମୟରେ ସମ୍ବଲପୁରରେ ବ୍ରିଜ୍ ଡିଭିଜନ କାର୍ଯ୍ୟାଳୟ ଥିଲା। ଏଭଳି ସ୍ଥିତିରେ ରାଜ୍ୟ ସରକାର ଫାଟକ ବନ୍ଦ କରୁନାହାନ୍ତି। ଲୋକେ ଟିକସ ଦେଉଥିବା ବେଳେ ଜିଲାର ରାଜନେତା ଓ ପ୍ରଶାସନ ଅସହାୟ ଅବସ୍ଥାରେ ଅଛନ୍ତି ।

### ପାଇକମାଳ ହାଇସ୍କୁଲରେ ପ୍ରାରମ୍ଭ ଶିବିର ଉଦ୍‌ଯାପିତ

**ପାଇକମାଳ, ୮।୪(ଡି.ଏନ.ଏ.)**

ବରଗଡ ଜିଲା ସରକାରୀ ଉଚ୍ଚବିଦ୍ୟାଳୟରେ ଚାରିଦିନ ଧରି ଚାଲିଥିବା ପ୍ରାରମ୍ଭ ଶିବିରର ୩ୟ ଓ ୪ର୍ଥ ବ୍ୟାଚ୍ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏଡିଇଓ ରାଧାକାନ୍ତ ଛତ୍ରୀ, ସମ୍ମାନିତ ଅତିଥି ଭାବେ ଭିକାରୀ ଚରଣ ସେଠ, ଡଃ ଲେବିଆ ସାଗର, ପ୍ରେମାନନ୍ଦ ବାରିକ, ବିଇଓ ଚୂଡ଼ାମଣି ବାରିକ ଏବିଇଓ ଶିବ ପ୍ରସାଦ ଯୋଷୀ ମଞ୍ଚାସୀନ ଥିଲେ। ଶିବିରରେ ୧୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ଡୋଲାମଣି ମାହାର, କେଦାର ନାଥ ରାଉତ, ବ୍ରଜକିଶୋର ଜେନା, ଟେକରାଜ ପଟେଲ, ମାଧବ କୁମାର ସାହୁ, ରଞ୍ଜନ ବାଗ, ବାସୁଦେବ କୁମ୍ଭାର, ନିରଞ୍ଜନ ହରିଜନ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷାର୍ଥୀଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ବଣ୍ଟନ କରିଥିଲେ। ରାଧେଶ୍ୟାମ ମେହେର ଧନ୍ୟବାଦ ଦେଇଥିବା ବେଳେ ତ୍ରିଲୋଚନ ନାଏକ ଶିବିର ପରିଚାଳନା କରିଥିଲେ। ରଜତ କୁମାର ସାହୁ, ଲଳିତ କୁମାର ବିଶ୍ୱାଳ, ମଧୁସ୍ମିତା ମେହେର, ଅମିତ ସାହୁ, ବବିତା ବେହେରା, ଆନନ୍ଦିନୀ ସେଠ ସହଯୋଗ କରିଥିଲେ।

## ବିହନ ବ୍ୟାଙ୍କରେ ବିଦେଶୀ ପର୍ଯ୍ୟଟକ

**ବରଗଡ଼ ଅଫିସ,୮।୪**




ବିଦେଶୀ ପର୍ଯ୍ୟଟକ ବିହନ ବ୍ୟାଙ୍କ ପରିଦର୍ଶନ କରୁଛନ୍ତି।

ବରଗଡ଼ ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମ ସ୍ଥିତ ଅନୁଭବ ବିହନ ବ୍ୟାଙ୍କକୁ ଶୁକ୍ରବାର ଜଣେ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ସେ ହେଲେ ସୁଇଜରଲ୍ୟାଣ୍ଡର ସେଲିନ। ବିହନ ବ୍ୟାଙ୍କ ଉପରେ ଥେସିସ ଲେଖିବା ପାଇଁ ସେ ଉକ୍ତ ବିହନ ବ୍ୟାଙ୍କକୁ ଆସିଥିବା ଜଣାପଡିଛି। ସେ ବିହନ ବ୍ୟାଙ୍କରେ ରହିଥିବା ପ୍ରାୟ ୧୧୦୦ ପ୍ରକାର ଦେଶୀ ଧାନ ବିହନ ଓ ୭୦ ପ୍ରକାର ଅଣଧାନ ଯଥା ପନିପରିବା, ମାଣ୍ଡିଆ, ଡାଲି ଜାତୀୟ, ତୈଳ ବୀଜ ଆଦି ଦେଖିଥିଲେ। ସେହିପରି ବିଭିନ୍ନ କିସମର ଚାଉଳ ଅର୍ଥାତ୍ ଲାଲ, କଳା, ଧଳା, ବାସ୍ନାଯୁକ୍ତ, ଔଷଧୀୟ ଗୁଣ ସମ୍ପନ୍ନ ଚାଉଳର ବିବିଧତା ଦେଖି ବିଦେଶୀ ପର୍ଯ୍ୟଟକ ଖୁସି ଅନୁଭବ କରିଥିଲେ। ସେ ନିଜ ଦେଶ ତଥା ଦେଶ ବାହାରେ ଜିନ ବ୍ୟାଙ୍କ ଦେଖିଥିଲେ। କିନ୍ତୁ ଏହି ବିହନ ବ୍ୟାଙ୍କ ଏକ ଜୀବନ୍ତ ଚଳନ୍ତି ବିହନ ବ୍ୟାଙ୍କ ଅଟେ ବୋଲି ସେ କହିଥିଲେ। ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନର ପ୍ରବକ୍ତା ସରୋଜ ମହାନ୍ତି ଭାଷାନ୍ତରରେ ତାଙ୍କୁ ସହଯୋଗ କରିଥିଲେ।

### ନବୋଦୟ ବିଦ୍ୟାଳୟରେ ବୃକ୍ଷରୋପଣ

**ପାଇକମାଳ, ୮।୪(ଡି.ଏନ.ଏ.)**

ପାଇକମାଳ ଜବାହରଲାଲ ନବୋଦୟ ବିଦ୍ୟାଳୟରେ ଜି-୨୦ର ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ସପ୍ତମ ଶ୍ରେଣୀର ଛାତ୍ରୀମାନେ ପରିବେଶ ସୁରକ୍ଷା ସମ୍ପର୍କିତ ଏକ ନାଟକ ପରିବେଷଣ କରିଥିଲେ। ବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ତ୍ରିପାଠୀ ମାର୍ଗଦର୍ଶନ କରିଥିଲେ। ଏହି ନାଟକ ଅତ୍ୟନ୍ତ ଶିକ୍ଷାପ୍ରଦ, ଆନନ୍ଦମୟ ଓ ହୃଦୟସ୍ପର୍ଶୀ ହୋଇଥିଲା। ଏହାପରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ସୁରେନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପ୍ରକୃତି ବନ୍ଧୁ ବଡ ଶତପଥୀ, ସୁରଥ କୁମାର ସାହୁ ଯୋଗ ଦେଇଥିଲେ। ପ୍ରକୃତିର ଭାରସାମ୍ୟ ରକ୍ଷା, ଖାଦ୍ୟ ପ୍ରସ୍ତୁତ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଯୋଗୁ ବୃକ୍ଷରୋପଣରେ ମନୁଷ୍ୟ ନିଜକୁ ବିନିଯୋଗ କରିବା ଉଚିତ ବୋଲି ବିଡିଓ କହିଥିଲେ। ପରେ ଶୈକ୍ଷିକ ଭବନ ସମ୍ମୁଖରେ ଥିବା ପ୍ରାନ୍ତରେ ଅତିଥିମାନେ ଗୋଟିଏ ବୃକ୍ଷରୋପଣ କରିଥିଲେ।

### ଅତ୍ୟାଧୁନିକ ପ୍ରେକ୍ଷାଳୟ ପାଇଁ ଭୂମିପୂଜନ

**ବରଗଡ଼ ଅଫିସ,୮।୪**

ବରଗଡ଼ ସହରରେ ୯କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୫ଶହ ଆସନ କ୍ଷମତା ବିଶିଷ୍ଟ ଅତ୍ୟାଧୁନିକ ପ୍ରେକ୍ଷାଳୟ ନିର୍ମାଣ ପାଇଁ ଭୂମି ପୂଜନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୂମି ପୂଜନ କରିଥିଲେ। ସମ୍ମାନିତ ଅତିଥି ଭାବେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀ, ପୌରାଧକ୍ଷା କଳ୍ପନା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପୌର ପରିଷଦର ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ବରଗଡ଼ ସହରର ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ବିଭିନ୍ନ ସାଂସ୍କୃତିକ, ସାମାଜିକ କାର୍ଯ୍ୟ ପାଇଁ ଏକ ବୃହତ ପ୍ରେକ୍ଷାଳୟର ଆବଶ୍ୟକତା ରହିଥିବାବେଳେ ବରଗଡ଼ ବିଧାୟକ ଆଚାର୍ଯ୍ୟଙ୍କ ଉଦ୍ୟମରେ ରାଜ୍ୟ ସରକାର ଏହି ୫୦୦ ଆସନ କ୍ଷମତା ସମ୍ପନ୍ନ ପ୍ରେକ୍ଷାଳୟ ପାଇଁ ୯ କୋଟି ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି ।

## ଗଣ୍ଡତୁରୁମରେ ଶିକ୍ଷା ଚେତନା ଅଭିଯାନ




ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

**ଭେଡେନ,୮।୪(ଡି.ଏନ.ଏ)**

ଓଡ଼ିଶା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ଶିକ୍ଷା ଚେତନା ଅଭିଯାନ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଗଣ୍ଡତୁରୁମ ଆଞ୍ଚଳିକ ନୋଡ଼ାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଗାଁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରାଇଥିଲେ। ୬ବର୍ଷର ଶିଶୁକୁ ସ୍କୁଲରେ ନାମ ଲେଖାଇବା ସହ ମାଗଣା ପୋଷାକ, ବହି, ଜୋତା, ପୁଷ୍ଟିକର ରନ୍ଧାଖାଦ୍ୟ ଏବଂ ସରକାରଙ୍କ ଆଭିମୁଖ୍ୟ ଉପରେ ସେମାନେ ବୁଝାଇଥିଲେ। ସହକାରୀ ଶିକ୍ଷକ ଚୋଳଗଙ୍ଗ ମେହେର, ରବି ପ୍ରସାଦ ସାହୁ, ଦେବାନନ୍ଦ ରଣା, ସୁବ୍ରତ ତନସନା, ହୀରେନ୍ଦ୍ର କମ୍ପ, ଶିକ୍ଷୟିତ୍ରୀ ଦ୍ରୌପଦୀ ରଣା, ସୁବାସିନୀ ମେହେର, ସଙ୍ଗୀତା ସାହୁ, ଭୂମିସୁତା ବେହେରା, କୌଶଲ୍ୟା ମିର୍ଦ୍ଧା, ପୂର୍ଣ୍ଣମାସୀ ସେଠ ପ୍ରମୁଖ ସହଯୋଗ କରିଥିଲେ ।

### ହୃଦ୍‌ଘାତରେ ହିନ୍ଦୀ ଶିକ୍ଷକଙ୍କ ପରଲୋକ

**ପାଇକମାଳ,୮।୪(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଗ୍ରାମର ଶିକ୍ଷକ ବେଦରାମ ପଟେଲ (୫୨)ଙ୍କ ଶନିବାର ସକାଳେ ନିଜ ବାସଭବନରେ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ନୂଆପଡ଼ା ଜିଲା ଦର୍ଲିମୁଣ୍ଡା ହାଇସ୍କୁଲରେ ଦୀର୍ଘଦିନ ଧରି ହିନ୍ଦୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସେ ମାଣ୍ଡୋସିଲ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପାଠଚକ୍ରର ଜଣେ ସକ୍ରିୟ ସଦସ୍ୟ ଥିଲେ। ତାଙ୍କ ଅନ୍ତିମ ଶୋଭାଯାତ୍ରାରେ ଶତାଧିକ ମହିଳାପୁରୁଷ ଯୋଗ ଦେଇଥିଲେ। ଏବଂ ଗ୍ରାମର ସମସ୍ତ ଦୋକାନ ବଜାର, ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଆରମ୍ଭ



ମନ୍ଦିର ପ୍ରତିଷ୍ଠା ସମାରୋହରେ କଳସ ଯାତ୍ରା।

**ଅତାବିରା,୮।୪(ଡି.ଏନ.ଏ.)**

ବରଗଡ଼ ଜିଲା ଅତାବିରା ବ୍ଲକ ମନାପଡା ଗ୍ରାମରେ ନବନିର୍ମିତ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ସମାରୋହ ଆରମ୍ଭ ହୋଇଛି। ଏହି ମହୋତ୍ସବ ରବିବାର ପୂର୍ଣ୍ଣାହୂତି ସହ ମା'ଙ୍କ ମନ୍ଦିର ପ୍ରବେଶ ଉତ୍ସବ ସମ୍ପନ୍ନ ହେବ ବୋଲି ମନ୍ଦିର ପ୍ରତିଷ୍ଠା କମିଟି ତରଫରୁ ସୂଚନା ପ୍ରଦାନ କରାଯାଇଛି। ପ୍ରତ୍ୟହ ଚଣ୍ଡୀହୋମ ସହ ଅନ୍ନଭୋଗ ଆୟୋଜନ କରାଯାଇଥିବା ବେଳେ ଗ୍ରାମବାସୀ ଏକ ବିରାଟ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ପଦ୍ମପାଣି ମହାପାତ୍ରଙ୍କ ପୌରୋହିତ୍ୟରେ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟକର୍ତ୍ତା ଭାବେ କ୍ଷୀରସାଗର ପଣ୍ଡା ଓ ସ୍ତ୍ରୀ ଦୁର୍ଲଭି ଦାୟିତ୍ୱ ତୁଲାଉଛନ୍ତି। ଗ୍ରାମବାସୀ ସହଯୋଗ କରୁଛନ୍ତି।

## ପଦ୍ମପୁରରେ ପୁଣ୍ୟ ସପ୍ତାହ ପାଳନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

**ପଦ୍ମପୁର,୮।୪(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଖ୍ରୀଷ୍ଟିଆନ ସମୁଦାୟ ହୋଲି ଚର୍ଚ୍ଚ ପକ୍ଷରୁ ପୁଣ୍ୟ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ସଭାପତି ମନଜିତ ସିଂ, ସମ୍ପାଦକ ଅତିସ ନାଗଙ୍କ ପୌରୋହିତ୍ୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମପୁର ଏନ୍‌ଏସି ଅଧକ୍ଷା ସାବିତ୍ରୀ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଥଚାରୀମାନଙ୍କୁ ଥଣ୍ଡା ସରବତ ବଣ୍ଟନର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଅମୋଦ ନାଗ, ପ୍ରଦୀପ ମହାପାତ୍ର, ଆଶିଷ ନାଗ, ସୌମ୍ୟ ବାରିକ, ସ୍ୱପ୍ନା କୌର, ସୁଜାତା ନାଗ, ପାଷ୍ଟର ନିଥିନାଲ ନାଗ, ସୁରେନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ।

### ଦେବଦର୍ହା ବିକାଶ ପାଇଁ ଭୂମିପୂଜନ

**ପଦ୍ମପୁର,୮।୪(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଚର୍ଦ୍ଦାପାଲି ଗ୍ରାମପଞ୍ଚାୟତ ଅଧୀନ ତୀର୍ଥକ୍ଷେତ୍ର ଦେବଦର୍ହାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୨ ଡିସେମ୍ବର ୨୯ ତାରିଖରେ ୩୧୨.୫୦ ଲକ୍ଷ ଟଙ୍କାର ପ୍ରକଳ୍ପ ଶୁଭ ଦେଇଥିଲେ। ଏହାପରେ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ ଦେବଦର୍ହା ଶୈବପୀଠକୁ ଆସି ବିଭିନ୍ନ ସୌନ୍ଦର୍ଯ୍ୟକରଣ, ପରିମଳ ବ୍ୟବସ୍ଥା, ଭକ୍ତମାନଙ୍କ ସୁବିଧା ପ୍ରତି ଦୃଷ୍ଟି ଦେଇ ବ୍ଲୁପ୍ରିଣ୍ଟ ତିଆରି କରିଥିଲେ। ଏହି କ୍ରମରେ ଶୁକ୍ରବାର ବିଧାୟିକା ବର୍ଷା ସିଂ ବରିହା, ଜିଲାପାଳ ମୋନୀଷା ବାନାର୍ଜୀ ଏହି ପ୍ରକଳ୍ପର ଭୂମିପୂଜା କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ପର୍ଯ୍ୟଟନ ଅଧିକାରୀ ପ୍ରମୋଦ କୁମାର ସିଂ, ପ୍ରକଳ୍ପ ନିର୍ଦ୍ଦେଶକ ଆଦିତ୍ୟ ଗୋୟଲ, ଭାରପ୍ରାପ୍ତ ଉପ ଜିଲାପାଳ ସଦାନନ୍ଦ କୁମ୍ଭାର, ପାଇକମାଳ ବିଡିଓ ସୁରେନ୍ଦ୍ର ମେହେର, ଚର୍ଦ୍ଦାପାଲି ସରପଞ୍ଚ ଉପାସୀ ନାଏକ, ବିଧାୟକ ପ୍ରତିନିଧି ହୃଦାନନ୍ଦ ବାରିକ, ଗୌତମ ସିଂ, ଅମରେଶ ଭୋଇ ଯୋଗଦାନ କରିଥିଲେ।

## ରାମଲୀଳାରେ ସୀତା ଠାବ, ଲଙ୍କାପୋଡ଼ି ମଞ୍ଚସ୍ଥ



ସୀତାଙ୍କ ଅନ୍ୱେଷଣରେ ଅଷ୍ଟବୀର ଦକ୍ଷିଣ ଦିଗକୁ ବାହାରିଛନ୍ତି।

**ଭେଡେନ,୮।୪(ଡି.ଏନ.ଏ)**

ବରଗଡ ଜିଲା ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଗଣ୍ଡତୁରୁମର ପ୍ରସିଦ୍ଧ ଗଣପର୍ବ ରାମଲୀଳା ଉତ୍ସବର ଶୁକ୍ରବାର ଥିଲା ଅଷ୍ଟମ ଦିବସ। ନାଟ୍ୟାଭିନୟରେ ବାଳି ବଧ ପରେ ରାମଚନ୍ଦ୍ର ସୁଗ୍ରୀବଙ୍କୁ କିଷ୍କିନ୍ଧ୍ୟାର ରାଜା ଘୋଷିତ କରିଛନ୍ତି। ଏହାପରେ ସୁଗ୍ରୀବ ଚାରିଦିଗକୁ ସୈନ୍ୟ ପ୍ରେରଣ କରିଛନ୍ତି। ହନୁମାନ ଆକାଶ ମାର୍ଗରେ ସମୁଦ୍ର ଲଂଘନ କରି ଲଙ୍କା ନଗରୀରେ ପ୍ରବେଶ କରି ଅଶୋକ ବନରେ ସୀତାଙ୍କୁ ଠାବ କରିଛି। ହନୁମାନ ଫେରିବା ବାଟରେ ଅଶୋକ ବନକୁ ଧ୍ୱଂସ ବିଧ୍ୱସ୍ତ କରିଛି। ରାବଣର ପୁତ୍ର ଅକ୍ଷୟ କୁମାର ଓ ମନ୍ତ୍ରୀ କୁମାର ହନୁମାନଙ୍କ ହାତରେ ମୃତ୍ୟୁବରଣ କରିଛନ୍ତି। ଇନ୍ଦ୍ରଜିତର ବ୍ରହ୍ମାସ୍ତ୍ରରେ ହନୁମାନଙ୍କ ବନ୍ଧନ, ହନୁମାନଙ୍କ ମୃତ୍ୟୁ ଦଣ୍ଡାଦେଶକୁ ବିଭିଷଣ ମନା କରିବା ଏବଂ ଲଙ୍କାପୋଡ଼ି ଆଦି ଦୃଶ୍ୟ ଅଭିନୀତ ହୋଇଛି।

## ଟିଆର୍‌ଏଲ୍ କ୍ରୋସାକିର ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବେଲପାହାଡ଼ (ଡି.ଏନ.ଏ.): ବେଲପାହାଡ଼ ଟିଆର୍‌ଏଲ୍ କ୍ରୋସାକି ହସ୍ପିଟାଲ ପକ୍ଷରୁ ଶୁକ୍ରବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। କ୍ରୋସାକି ଓ ଆପୋଲୋ ହସ୍ପିଟାଲ ବିଳାସପୁରର ମିଳିତ ଆନୁକୂଲ୍ୟରେ ନିଃଶୁଳ୍କ କ୍ୟାନସର ସ୍କ୍ରିନିଂ ଓ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ଡା. ତୁଷାରକାନ୍ତି ଦାସ, ଆପୋଲୋ ଡା. ସୁଶ୍ରୀ ପରିଡା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ୮୦ରୁ ଊର୍ଦ୍ଧ୍ୱ ମହିଳା ପଞ୍ଜୀକୃତ ହୋଇଥିବାବେଳେ ୭୬ ଜଣଙ୍କର ସ୍କ୍ରିନିଂ ହୋଇଥିବା କମ୍ପାନୀର ବରିଷ୍ଠ ଅଧିକାରୀ ଡ. ସନ୍ତୋଷ ମିଶ୍ର ସୂଚନା ଦେଇଛନ୍ତି। ମ୍ୟାନେଜର ଅନିରୁଦ୍ଧ ମିଶ୍ର, ମେଟ୍ରନ ସୁଜତା ଦାସ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ରାଉରକେଲା ଅଫିସ,୮।୪: ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଡୁମରନ ଅଞ୍ଚଳର କିଷାନଟୋଲା ବସ୍ତିରେ ଜଣେ ମାନସିକ ରୋଗୀ ପଳାଶ ଗଛରେ ଫାଶି ଲଗାଇ ଶନିବାର ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଅମର କିଷାନ(୩୦)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୨।୨୩) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନାଯୋଗ୍ୟ, ଅମର ଦୁଇ ମାସ ହେଲା ମାନସିକ ରୋଗୀରେ ପୀଡିତ ରହି ଔଷଧ ଖାଉଥିଲେ। ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ସେ ଏକ ପଳାଶ ଗଛରେ ରଶି ବାନ୍ଧି ଆତ୍ମହତ୍ୟା କରିଥିଲେ।

### ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଟେନ୍‌ସା, ୮।୪(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୋଇଡା ଥାନା କାଲଟା ଫାଣ୍ଡି ଅନ୍ତର୍ଗତ କାଲଟା ମୁଣ୍ଡାବସ୍ତିର ଚାମରା କାଣ୍ଡୁଲନା (୧୮) ଶନିବାର କୋଇଡାରୁ ସାପ୍ତାହିକ ହାଟ ସାରି ଓଡ଼ି ୧୪ ଡବ୍ଲ୍ୟୁ ୩୩୭୫ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ୫୨୦ନଂ. ଜାତୀୟ ରାଜପଥ କୁକୁଡ଼ାଝରଣ ନିକଟରେ ଏକ ଅଜଣା ଗାଡି ସହିତ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। କାଲଟା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କୋଇଡା ପଠାଇ ତଦନ୍ତ ଜାରି ରଖିଛି।

### ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ଡାକ୍ତର, ନର୍ସଙ୍କୁ ସମ୍ବର୍ଦ୍ଧନା

ସୁନ୍ଦରଗଡ, ୮।୪(ଡି.ଏନ.ଏ.): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସୁନ୍ଦରଗଡ଼ ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ଓ ନର୍ସଙ୍କୁ ସହରର ସ୍ୱେଚ୍ଛାସେବୀ ଯୁବସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବୈଷୟିକ କମିଟି ସଦସ୍ୟ ବୈକୁଣ୍ଠ ନାଏକଙ୍କ ନେତୃତ୍ୱରେ ସହରର ଯୁବ ସମାଜସେବୀମାନେ ସକାଳେ ଡାକ୍ତଖାନାରେ ପହଞ୍ଚି କାର୍ଯ୍ୟରତ ଡାକ୍ତର ଓ ସେବିକାମାନଙ୍କୁ ଭେଟି ସ୍ୱାସ୍ଥ୍ୟ ଦିବସ ଅବସରରେ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଜୟ ପାଣିଗ୍ରାହୀ, ହେମନ୍ତ ମେହେର, ଅଜୟ ସାହୁ, ତାପସ ପଣ୍ଡା, ଗୌରାଙ୍ଗ ଧଳ, ମୁକେଶ ପୁରୋହିତ, ଶିବାଜୀ ନାଏକ, ସୁବ୍ରତ ନାଏକ, ରୋସନ ସାହୁ, ଶୁଭମ ଗୁରୁ, ବିସ୍ମୟ ପଟ୍ଟନାଏକ, ଆହାନ ବହିଦାର, ପ୍ରଦୀପ ପଟେଲ ପ୍ରମୁଖ ଯୁବ ସମାଜସେବୀମାନେ ଉପସ୍ଥିତ ଥିଲେ।

### ନିର୍ଯ୍ୟାତିତା ମହିଳା ଥାନାର ଦ୍ୱାରସ୍ଥ

ବେଲପାହାଡ,୮।୪(ଡି.ଏନ.ଏ.): ବେଲପାହାଡ ଥାନା ଅଞ୍ଚଳର ଜଣେ ମହିଳା ନିର୍ଯାତନାର ଶିକାର ହୋଇ ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଯୌତୁକ ନିର୍ଯାତନା ଦେଇ ତାଙ୍କୁ ଶ୍ୱଶୁର ଘର ଲୋକେ ଘରୁ ତଡିଦେଇଥିବା ମହିଳା ଜଣକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଗୋବିନ୍ଦପୁର ପୋଲିସ ଏକ ମାମଲା ରୁଜୁ କରିଛି। ମହିଳାଙ୍କ ଅଭିଯୋଗକ୍ରମେ ୨୦୧୮ ଫେବୃଆରୀ ୨୫ରେ ବାମରା ଅଞ୍ଚଳର ଜଣେ ଯୁବକଙ୍କୁ ବିବାହ କରିଥିଲେ। ବିବାହ ପରେ ୨୦୨୦ ଏପ୍ରିଲ ୨୯ରେ ତାଙ୍କର ଗୋଟିଏ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ସେବେଠାରୁ ଯୁବକ ଜଣକ ତାଙ୍କୁ ନିର୍ଯାତନା ଦେବାସହ ଘରୁ ତଡି ଦେଇଥିଲେ। ଏ ନେଇ ଝାରସୁଗୁଡା ଫେମିଲି କୋର୍ଟରେ କେସ୍ ଚାଲିଥିବାବେଳେ ଯୁବକ ଜଣକ ଛତିଶଗଡ଼ ଅଞ୍ଚଳରେ ପୁନଃ ବିବାହ କରିଥିବା ମହିଳା ଜଣକ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲେ। ସେ ଶିଶୁ କନ୍ୟାକୁ ଧରି ସ୍ୱାମୀ ଘରକୁ ଯାଇଥିଲେ। ହେଲେ ଶ୍ୱଶୁର ଘର ଲୋକେ କବାଟ ଖୋଲି ନ ଥିଲେ।

### ପୁରସ୍କୃତ ହେଲେ ବିଜେତା ତୀରନ୍ଦାଜ୍



ରାଉରକେଲା ଅଫିସ,୮।୪: ଆର୍‌ଏସ୍‌ପି ବରସୁଆ ଲୁହାଖଣି ଅଞ୍ଚଳର ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ପାଇଁ ଗୁରୁବାର ଏକ ତୀରନ୍ଦାଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଆଇଏମ୍ ଜିଏମ୍ (ଇଲେକ୍ଟ୍ରିକାଲ) ଏସ୍. ୟୁ. ଲସ୍କର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ୬୫ରୁ ଊର୍ଦ୍ଧ୍ୱ ସ୍ଥାନୀୟ ଅଞ୍ଚଳବାସୀ ଏଥିରେ ଅଂଶଗ୍ରହଣ କରିଥିଲେ। ୧୫ବର୍ଷରୁ କମ୍ ଓ ୧୫ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା।

# ଆଦି ମହୋତ୍ସବ ଉଦ୍‌ଘାଟିତ

## ଟୁଇଟ୍ କରି ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

ରାଉରକେଲା ଅଫିସ,୮।୪



ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।




କଳାକାରମାନେ ଆଦିବାସୀ ନୃତ୍ୟ ପରିବେଷଣ କରୁଛନ୍ତି।

ଆର୍‌ଏସ୍‌ପି ଏବଂ ଭାରତୀୟ ଜନଜାତି ସମବାୟ ବିପଣନ ସଂସ୍ଥା ଲିମିଟେଡ୍ (ଟ୍ରାଇଫେଡ୍)ର ମିଳିତ ଆନୁକୂଲ୍ୟରେ ରାଉରକେଲା ସେକ୍ଟର-୫ ପ୍ରଦର୍ଶନୀ ପଡିଆରେ ଆଦିବାସୀ ସଂସ୍କୃତି, ହସ୍ତଶିଳ୍ପ, ବ୍ୟଞ୍ଜନ ଓ ବାଣିଜ୍ୟର ଉତ୍ସବ ଆଦି ମହୋତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଓ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ସମ୍ମାନିତ ଅତିଥି ଭାବେ ଯୋଗଦାନ ଦେଇଥିଲେ। ମୁଖ୍ୟ ଅତିଥି ଓରାମ ତାଙ୍କ ବକ୍ତବ୍ୟରେ କହିଥିଲେ, ଆଦି ମହୋତ୍ସବରେ ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଉଜାଗର ହୁଏ। ଆଦିବାସୀମାନେ ପ୍ରୋତ୍ସାହିତ ହେବା ସହିତ ଆଦିବାସୀ କୃତ ଦ୍ରବ୍ୟାଦିର ଚାହିଦା ବୃଦ୍ଧି ପାଏ। ଆଦିବାସୀ କାରିଗର ଏବଂ ଉଦ୍ୟୋଗୀମାନଙ୍କୁ ସେମାନଙ୍କ ଉତ୍ପାଦନ ଦ୍ରବ୍ୟ ବିପଣନ ନିମନ୍ତେ ବଜାର ସୃଷ୍ଟି କରିବାକୁ ସୁଯୋଗ ମିଳିଥାଏ ବୋଲି ଓରାମ କହିଥିଲେ। ଜନଜାତି ଆୟୋଗ ସଦସ୍ୟ ନାୟକ କହିଥିଲେ, ଆଦି ମହୋତ୍ସବ ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧତା, ସଂସ୍କୃତି ଏବଂ ଲୁକ୍କାୟିତ ପରମ୍ପରାକୁ ଉଜ୍ଜୀବିତ କରିଥାଏ। ଆଦିବାସୀ କାରିଗର ଓ ଉଦ୍ୟୋଗୀମାନଙ୍କୁ ବୃହତ୍ ବଜାରରେ ଯୋଡିବା ସକାଶେ ହିଁ ଏହି ମହୋତ୍ସବର ଆୟୋଜନ ବୋଲି ସେ ଦର୍ଶାଇଥିଲେ। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଭୌମିକ ମହୋତ୍ସବରେ ଯୋଗ ଦେଇଥିବା ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଆଦିବାସୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ସହରସେବା ଓ ସିଏସ୍‌ଆର ବିଭାଗର ସିଜିଏମ୍ ଏ. କେ. ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରାଇଫେଡ୍ ଓଡିଶା ରାଜ୍ୟ ନିର୍ଦ୍ଦେଶକ ରାହୁଲ କୁମାର ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନ୍ୟପକ୍ଷେ ଆଦି ମହୋତ୍ସବକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରି ପ୍ରଶଂସା କରିଛନ୍ତି। ଜନଜାତି ସମ୍ପ୍ରଦାୟର ଐତିହ୍ୟ ଓ ସଂସ୍କୃତି ଭାରତ ପାଇଁ ସର୍ବଦା ଗର୍ବର ବିଷୟ ବୋଲି ସେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ, ଏହି ମହୋତ୍ସବ ଆସନ୍ତା ୧୫ତାରିଖ ଯାଏ ଅନୁଷ୍ଠିତ ହେବ। ମହୋତ୍ସବରେ ଜୈବିକ ଉତ୍ପାଦ, ବୟନ ଚିତ୍ରପଟ୍ଟ, ଝୋଟ ଉତ୍ପାଦ, ବାଉଁଶ ଦ୍ରବ୍ୟ, ଆଦିବାସୀ ଅଳଙ୍କାର, ଲ୍ୟାମ୍ପ ସେଟ୍, କାନ୍ଥ ଉତ୍ପାଦ ସହିତ ନାନା ହସ୍ତତନ୍ତ ସାମଗ୍ରୀ ଆଦି ବିକ୍ରୟ କରାଯିବ। ଚଳିତବର୍ଷ ଅନ୍ତର୍ଜାତୀୟ ମିଲେଟ ବର୍ଷ ପାଳନ ନିମନ୍ତେ ମିଲେଟ୍ ଆଧାରିତ ଖାଦ୍ୟ ପଦାର୍ଥ ଓ ରୋଷେଇ ଉପରେଅନେକଷ୍ଟଲମଧ୍ୟପ୍ରଦର୍ଶିତହେଉଛି।

## ୪୦ କେଜି ଗୋମାଂସ, ମାରଣାସ୍ତ୍ର ଜବତ

ରାଉରକେଲା ଅଫିସ,୮।୪

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ନୂଆଟୋଲା ବସ୍ତିରେ ଗୋମାଂସ କଟାଯାଉଥିବା ବେଳେ ଶନିବାର ପୋଲିସ ଚଢାଉ କରି ୪୦ କେଜି ଗୋମାଂସ ଓ ମାରଣାସ୍ତ୍ର ଜବତ କରିଛି। ଏହି ଘଟଣାରେ କେହି ଗିରଫ ହୋଇନାହାନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି। ଏ ନେଇ ଏକ ମାମଲା (ନଂ.୭୬।୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ମାଣ୍ଡିଆକୁଦା କୁମ୍ଭଟୋଲା ବସ୍ତିର କାଳେଶ୍ୱର ଫୁନଗୁନି(୩୫) ଶନିବାର ସକାଳ ୬ଟାରେ ଆଇଡିସି କୁଲୁଙ୍ଗାରୁ ଡ୍ୟୁଟି ସାରି ଘରକୁ ଫେରୁଥିଲେ। ଏହି ସମୟରେ ନୂଆଟୋଲା ବସ୍ତି ଛକରେ କିଛି ଲୋକ ଗୋମାଂସ କାଟୁଥିବା ଦେଖି କାଳେଶ୍ୱର ବିରୋଧ କରିବାରୁ ତାଙ୍କୁ ସେମାନେ ଆକ୍ରମଣ କରିବାକୁ ଗୋଡାଇଥିଲେ। ଫଳରେ କାଳେଶ୍ୱର ଜୀବନ ବଞ୍ଚାଇବାକୁ ଥାନାରେ ପଶି ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ଆକ୍ରମଣକାରୀ ଗୋମାଂସ ଛାଡି ପଳାଇଥିଲେ। ପୋଲିସ ୪୦ କେଜି ଗୋମାଂସ ସହ ୩ଟି ଭୁଜାଲି, ୨ଟି ଚାପଡ, ୪ଟି କଟୁରୀ ଓ ଗୋମାଂସ ଓଜନ କରିବା ନିକିତି ବଟକରା ଜବତ କରିଥିଲା।

## ଶୂନ୍ୟ ଦୁର୍ଘଟଣା ମୃତ୍ୟୁ ସପ୍ତାହ ପାଳନ ଅବସରରେ ହେଲମେଟ୍ ମେଳା




କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ପୋଲିସ ଓ ପରିବହନ ବିଭାଗ କର୍ମଚାରୀ।

ଦେବଗଡ଼, ୮।୪(ଡି.ଏନ୍.ଏ)

ଦେବଗଡ଼ ଜିଲା ସଡକ ସୁରକ୍ଷା କମିଟି ଦ୍ୱାରା ଆୟୋଜିତ ଓ ବାମଣ୍ଡା କଳାକାର ସଂଘର ସହଯୋଗରେ ଶୂନ୍ୟ ଦୁର୍ଘଟଣାଜନିତ ମୃତ୍ୟୁ ସପ୍ତାହ ପାଳନ ଅବସରରେ ହେଲମେଟ ମେଳା ନାମରେ ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଜିଲା ସଡ଼କ ସୁରକ୍ଷା କମିଟିର ସଭ୍ୟ ତଥା ସମାଜସେବୀ କୁମୁଦଚନ୍ଦ୍ର ଶତପଥୀଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦେବଗଡ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ଜାତୀୟ ସମର ଶିକ୍ଷାର୍ଥୀ ଛାତ୍ରୀଛାତ୍ର, ପୋଲିସ ବିଭାଗ ଓ ଜିଲା ପରିବହନ ବିଭାଗର କର୍ମଚାରୀଙ୍କ ଦ୍ୱାରା ଷ୍ଟେଟ ବ୍ୟାଙ୍କ ଛକ, ଟ୍ରାଫିକ ଛକ ଓ ବସଷ୍ଟାଣ୍ଡ ଛକଠାରେ ହେଲମେଟ ପିନ୍ଧିବା ସମ୍ପର୍କିତ ସଚେତନତାର ବାର୍ତ୍ତା ଦେଇଥିଲେ। ଦେବଗଡ ଜିଲାର ସାତଟି ଦୁଇଚକିଆ ଯାନ ଡିଲରଙ୍କ ଦ୍ୱାରା ଏକ ହେଲମେଟ ପ୍ରଦର୍ଶନ ଓ ବିକ୍ରିର ବ୍ୟବସ୍ଥା କରାଯାଇଥିଲା। ଅନେକ ଲୋକ ସେଠାକୁ ଯାଇ ଦେଖିବା ସହ ହେଲମେଟ କିଣୁଥିବା ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ବାମଣ୍ଡା କଳାକାର ସଂଘର କାର୍ଯ୍ୟକାରୀ ସଭାପତି ତଥା ଓଡିଶା ରାଜ୍ୟ ପରିବହନ ନିଗମର ପୂର୍ବତନ ଷ୍ଟେସନ ମାଷ୍ଟର ପ୍ରଦୀପ କୁମାର ଅମାତ ଓ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ ଶୁଭାରମ୍ଭ କରିଥିଲେ। ଟ୍ରାଫିକ ଇନ୍ସପେକ୍ଟର ବିଶ୍ୱରଞ୍ଜନ ସାହୁ, ଏମଭିଆଇ ଗୋଲାପ ଚନ୍ଦ୍ର ହାଁସଦା, ବାମଣ୍ଡା କଳାକାର ସଂଘର ସୁଶାନ୍ତ ନନ୍ଦ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। କୁନି କଣ୍ଠଶିଳ୍ପୀ ଅରୁନ୍ଧତୀ ଦାଶ, ପ୍ରିୟଦର୍ଶନୀ କର, ନମିତା ପ୍ରଧାନ, ପ୍ରତାପ କୁମାର ସାହୁ, ସୁବ୍ରତ ବେହେରା ପ୍ରମୁଖ ନିଜର କବିତା, ସଙ୍ଗୀତ ଓ ଅଭିଭାଷଣ ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପେନ୍ଦ୍ର ଭଞ୍ଜ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ସମ୍ପାଦନରେ ଟିକେଶ୍ୱର ଗୁରୁ, ସୁଜାତା କୁଅଁର, ଅବନୀ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ମହାତ୍ମା ଗାନ୍ଧୀ ଉଦ୍ୟାନ ଲୋକାର୍ପିତ

ରାଉରକେଲା ଅଫିସ,୮।୪

ଆର୍‌ଏସ୍‌ପି ପକ୍ଷରୁ ଇସ୍ପାତ ସହର କେନ୍ଦ୍ରଠାରେ ବିକଶିତ ମହାତ୍ମା ଗାନ୍ଧୀ ଉଦ୍ୟାନ ଲୋକାର୍ପିତ ହୋଇଯାଇଛି। ଏହି ସମାରୋହରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ, ଗାନ୍ଧୀ ଶାନ୍ତି ଫାଉଣ୍ଡେଶନ ଓଡିଶା ଶାଖାର ଅଧ୍ୟକ୍ଷ ଜଷ୍ଟିସ ଏମ୍. ଆର. ମହାନ୍ତି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, କାର୍ମିକ ଏବଂ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡା. ବି. କେ. ହୋତା, ଖଣି ବିଭାଗର ସିଜିଏମ୍ ଇନଚାର୍ଜ ପି. କେ. ରଥ, ବିତ୍ତ ଓ ଲେଖା ବିଭାଗ ସିଜିଏମ ଇନଚାର୍ଜ ଏ. କେ. ବେହୁରୀଆ, ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଗାୟିକା ଆଶାଲତା ଷଡଙ୍ଗୀଙ୍କ ମହାତ୍ମାଗାନ୍ଧୀଙ୍କ ପ୍ରିୟ ପ୍ରାର୍ଥନା ବୈଷ୍ଣବ ଜନ ତୋ..ରୁ ଆରମ୍ଭ ହୋଇଥିଲା। ଗୁରୁ ସୁବ୍ରତ ଭୂୟାଁଙ୍କ ନିର୍ଦ୍ଦେଶନାରେ ନୃତ୍ୟ ମଧୁରମ୍ କଳାକାରମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା। ସେହିପରି ସାଗର ଜେନାଙ୍କ ନିର୍ଦ୍ଦେଶିତ ସାଗର ରିଧିମର କଳାକାରମାନଙ୍କ ଦ୍ୱାରା ମହାତ୍ମାଙ୍କ ଜୀବନ ଓ ଦର୍ଶନ ଉପରେ ଆଧାରିତ ଏକ କ୍ଷୁଦ୍ର ନାଟକ ମଞ୍ଚସ୍ଥ ହୋଇଥିଲା। କୋଲ୍ଡ ରୋଲିଂ ମିଲର ଅନୀଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆର୍. ଆର୍. ଅଗ୍ରୱାଲ ଜୁଏଲର୍ସ ଉଦ୍‌ଘାଟନ

ରାଉରକେଲା ଅଫିସ,୮।୪

ରାଉରକେଲା ସ୍ଥିତ କଚେରି ରୋଡ୍ ବିଶାଳ ମେଗା ମାର୍ଟ ସମ୍ମୁଖରେ ଆର. ଆର. ଅଗ୍ରୱାଲ ଜୁଏଲର୍ସର ପଞ୍ଚମ ଶୋରୁମ୍ ଶନିବାର ଉଦ୍‌ଘାଟିତ ହୋଇଛି। କମ୍ପାନୀର ନିର୍ଦ୍ଦେଶକ ଋଷବ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜୁଏଲାରୀ ସପ୍‌କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆର. ଆର ଅଗ୍ରୱାଲ ଜୁଏଲର୍ସ ଦେଶର ବିଭିନ୍ନ ଅଞ୍ଚଳରେ ଦୀର୍ଘ ୪୫ ବର୍ଷ ଧରି ସୁନା ଅଳଙ୍କାର ଉପରେ ଉତ୍କୃଷ୍ଟ କାରିଗରି କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ଶୋରୁମ୍‌ରେ ଗ୍ରାହକଙ୍କ ପାଇଁ ସୁନା ଅଳଙ୍କାର ତିଆରିରେ ଶତପ୍ରତିଶତ ଓ ସୁନା ଗହଣାରେ ୫୦ ପ୍ରତିଶତ ରିହାତି ରହିଛି। ଉକ୍ତ ଶୋରୁମ୍‌ରେ ଗୋଟିଏ ଛାତ ତଳେ ଇଟାଲିୟନ ଜୁଏଲାରୀ, ବିଭିନ୍ନ କିସମର ଡାଇମଣ୍ଡ, ପାଲକୀ, ଝୁମୁକା, କଙ୍ଗନ ଭଳି ବିଭିନ୍ନ କିସମର ହୀରା, ସୁନା ଅଳଙ୍କାର ସହ ପ୍ଲାଟିନମ ଜୁଏଲାରୀ ଉପଲବ୍ଧ ରହିବ। ଆସନ୍ତା ଅକ୍ଷୟ ତୃତୀୟା ଉପଲକ୍ଷେ ଶୋରୁମ୍ ପକ୍ଷରୁ ସମସ୍ତ ସୁନାଗହଣା ଉପରେ ମେକିଙ୍ଗ ଚାର୍ଜ ରିହାତି ଥିବାବେଳେ ଗ୍ରାହକମାନେ ପୁରୁଣା ସୁନା ଏକ୍ସଚେଞ୍ଜ କରି ନୂତନ ସୁନାଗହଣା ନେବା ବ୍ୟବସ୍ଥା କରାଯାଇଥିବା ନିର୍ଦ୍ଦେଶକ ଅଗ୍ରୱାଲ ସୂଚନା ଦେଇଛନ୍ତି।




ଆର୍. ଆର୍. ଅଗ୍ରୱାଲ ଜୁଏଲର୍ସ ଶୋରୁମ୍।

## ଭାଜପାର ସ୍ଥାପନା ଦିବସ ପାଳିତ

ଲହୁଣୀପଡ଼ା, ୮।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ସ୍ଥିତ ଭାରତୀୟ ଜନତା ପାର୍ଟି (ଭାଜପା) କାର୍ଯ୍ୟାଳୟଠାରେ ଦଳର ସ୍ଥାପନା ଦିବସ ପାଳିତ ହୋଇଯାଇଛି। ସକାଳ ୯ଟାରେ ଦଳୀୟ କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାମାନେ ଏକତ୍ରିତ ହୋଇ ଜନସଂଘର ସଂସ୍ଥାପକ ଡ଼. ଶ୍ୟାମାପ୍ରସାଦ ମୁଖାର୍ଜୀ, ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଏବଂ ଭାରତୀୟ ଜନତା ପାର୍ଟିର ପ୍ରଥମ ଅଧ୍ୟକ୍ଷ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟାଳୟରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ଏହା ସହ ଭାରତୀୟ ଜନତା ପାର୍ଟିର ପଞ୍ଚନିଷ୍ଠା ଯଥା -ରାଷ୍ଟ୍ରବାଦ ଓ ରାଷ୍ଟ୍ରୀୟ ଏକତା, ଲୋକତନ୍ତ୍ର, ସାମାଜିକ ଏବଂ ଆର୍ଥିକ ବିଷୟରେ ଗାନ୍ଧିବାଦ ଦୃଷ୍ଟିକୋଣ, ସକାରାତ୍ମକ ଧର୍ମନିରପେକ୍ଷତା ଓ ମୂଲ୍ୟବୋଧ ଆଧାରିତ ରାଜନୀତି ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଏଲ୍‌ଇଡି ଲଗାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଦେଇଥିବା ଅଭିଭାଷଣର ସିଧା ପ୍ରସାରଣ ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ଜିଲା ସଭାପତି ଅନିଲ କୁମାର ବାର୍ଲା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରି ପ୍ରଧାନ, ସେବତୀ ନାଏକ, ଜିଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଲ, ହେମନ୍ତ କୁମାର ସାହୁ, ଜିଲା ଉପସଭାପତି ବାସୁଦେବ ସାହୁ, ପ୍ରଦୀପ ସ୍ୱାଇଁ, ଦିବ୍ୟମଞ୍ଜରୀ ଶେଖର ଦେଓ, ଜିଲା ସମ୍ପାଦକ ସୁରେନ୍ଦ୍ର ନାଥ ସାହୁ, ଶାନ୍ତନୁ କୁମାର ଦାସ, ଜିଲା କୋଷାଧ୍ୟକ୍ଷ ଚେତନ ଦିପ୍ତ ନାୟକ, କୋଇଡା ମଣ୍ଡଳ ସଭାପତି ମେଲୋରୀ ବାରିକ, ଗୁରୁଣ୍ଡିଆ ମଣ୍ଡଳ ସଭାପତି ଅଭିମନ୍ୟୁ ମହାକୁଳ, ଲହୁଣୀପଡ଼ା ମଣ୍ଡଳ ସଭାନେତ୍ରୀ ନମିତା ମାହାନ୍ତ, ଜିଲା ଓବିସି ମୋର୍ଚ୍ଚା ସଭାପତି ଆହ୍ଲାଦ ବଢ଼େଇ, ଜିଲା ମହିଳା ମୋର୍ଚ୍ଚା ଉପସଭାନେତ୍ରୀ ଗୀତା ଜୈସୱାଲ, ଜନଜାତି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦିକା ଯମୁନା ମୁଣ୍ଡା, ବଣାଇଁ ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ସାହୁ, ଜନଜାତି ମୋର୍ଚ୍ଚା ଜିଲା ସଭାପତି କର୍ମୁ କିଷାନ, ସରସରା ମଣ୍ଡଳ ସମ୍ପାଦକ ମହାଦେବ ଓରାମ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଭିକି ବ୍ରହ୍ମ, ଜିଲା ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଡିଲେଶ୍ୱର୍ ରଣା, ମଣ୍ଡଳ କାର୍ଯ୍ୟକାରିଣୀ ସଦସ୍ୟ ଭୁବନସାହୁପ୍ରମୁଖ ଉପସ୍ଥିତ ଥିଲେ।

## ବେକରେ ରଶି ଦେଇ ଆତ୍ମହତ୍ୟା

ଟେନ୍‌ସା,୮।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କାଲଟା ଫାଣ୍ଡି ଅନ୍ତର୍ଗତ କାଲଟା ଭୂୟାଁ ବସ୍ତିରେ ଶୁକ୍ରବାର ରାତିରେ ବାସୁ ନାଏକ (୩୦) ବେକରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ଖବରପାଇ କାଲଟା ଫାଣ୍ଡି ଅଧିକାରୀ ଭଗବାନ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ପୋଲିସ ତଦନ୍ତ କରୁଛି।

## ଜାତୀୟ ଜନଜାତି ଆୟୋଗଙ୍କ ଆର୍‌ଏସ୍‌ପି ପରିଦର୍ଶନ

ରାଉରକେଲା ଅଫିସ,୮।୪

ଜାତୀୟ ଜନଜାତି ଆୟୋଗ ସଦସ୍ୟ ଅନନ୍ତ ନାୟକ ଶନିବାର ଆର୍‌ଏସ୍‌ପି ପରିଦର୍ଶନ କରିଛନ୍ତି। ଆର୍‌ଏସ୍‌ପିର ଲେଆଉଟ ଡିଜାଇନ୍ ତଥା ବିଭିନ୍ନ ୟୁନିଟ୍ ଓ ଉତ୍ପାଦ ବିଷୟରେ ଏଚ୍‌ଆରଡି ବିଭାଗର ସିଜିଏମ୍ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସୁରକ୍ଷା ଉପରେ ଏକ କ୍ଷୁଦ୍ର ଭିଡିଓ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ପରେ ଆୟୋଗ ସଦସ୍ୟ ନାୟକ କଞ୍ଚାମାଲ ପ୍ରବନ୍ଧନ ବିଭାଗ, ବ୍ଲାଷ୍ଟ ଫର୍ଣ୍ଣେସ-୫, ଷ୍ଟିଲ ମେଲ୍ଟିଂ ସପ୍-୨, କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ-୧, ହଟ୍ ଷ୍ଟ୍ରିପ୍ ମିଲ୍-୨ ଏବଂ ନୂତନ ପ୍ଲେଟ ମିଲ୍ ପରିଦର୍ଶନ କରିଥିଲେ। ସେ ଆର୍‌ଏସପିର ସିପିପି-୧କୁ ନେଇ ଖୁସି ଅନୁଭବ କରିଥିଲେ, ଯେଉଁଠାରେ ସେ କିଛିବର୍ଷ କାମ କରିଥିଲେ। ବିଭିନ୍ନ ବିଭାଗର ସିଜିଏମ୍ ଏବଂ ବିଭାଗର ମୁଖ୍ୟମାନେ ନାୟକଙ୍କ ସହିତ ଭାବ ବିନିମୟ ପୂର୍ବକ ସମସ୍ତ ବିବରଣୀ ପ୍ରଦାନ କରିଥିଲେ। --ଆରକେଏଲ-୧- ଜାତୀୟ ଜନଜାତି ଆୟୋଗ ସଦସ୍ୟ ଆର୍‌ଏସ୍‌ପି ପରିଦର୍ଶନ କରୁଛନ୍ତି।

## ରୁଙ୍ଗ୍‌ଟା ପକ୍ଷରୁ ନୂତନ ପ୍ରକଳ୍ପର ଲୋକାର୍ପଣ

ଟେନ୍‌ସା, ୮।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡ଼ା ମାଇନିଂ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ଼ ଓଡାଘାଟ ଲୌହ ଖଣି ତରଫରୁ ଅଦୌଗିକ ସାମାଜିକ ଦାୟିତ୍ୱବୋଧ ଯୋଜନାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି। ଓଡାଘାଟ ଗ୍ରାମରେ ଗମନା ଗମନର ସୁବିଧା ପାଇଁ କଂକ୍ରିଟ ରାସ୍ତା ନିର୍ମାଣ, ଓଡାଘାଟ ଏବଂ ସାନିନ୍ଦପୁର ଗ୍ରାମରେ ଗାଧୁଆ ତୁଠ ସହିତ ଚେଞ୍ଜିଂରୁମ ନିର୍ମାଣ କରାଯାଇଛି। ତା ସହିତ ପାଇପ ଲାଇନ ଜରିଆରେ ଓଡାଘାଟ, ଗୋପୀସାହି, ଯୋଡ଼ିପଦା ଗ୍ରାମକୁ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି। ରାଣୀଶାଳ ଗ୍ରାମକୁ ବୋରିଙ୍ଗ କରାଯାଇ ପାଇପଲାଇନ ଜରିଆରେ ପାନୀୟ ଜଳର ସୁବ୍ୟବସ୍ଥା କରାଯାଇଛି। ବଡଇନ୍ଦପୁର ଗ୍ରାମରେ ଜଳ ନିଷ୍କାସନର ବ୍ୟବସ୍ଥା ପାଇଁ ଡ୍ରେନ ସହିତ ସ୍ଲାପର ନିର୍ମାଣ ଓ ମୁଣ୍ଡାବସ୍ତିରେ ଥିବା କ୍ଲବ ଘରର ମରାମତି କରାଯାଇଥିଲା। ସାନିନ୍ଦପୁର ଠାରେ ଏକ କଲ୍ୟାଣ ମଣ୍ଡପ,ସର୍ଗିଗଡ ଗ୍ରାମରେ ପୋଖରୀର ପୁନରୁଦ୍ଧାର ସହିତ ବୋଲଡର ପାଚିଙ୍ଗ, ଗାଧୁଆ ତୁଠ ଓ କୋଇଡା ବସ ଷ୍ଟାଣ୍ଡଠାରେ ସେପ୍ଟିକ ଟ୍ୟାଙ୍କର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଅଡାଘାଟ ଗ୍ରାମରେ ଏକ ସଭାର ଆୟୋଜନ କରାଯାଇ ଉକ୍ତ ପ୍ରକଳ୍ପ ଗୁଡିକୁ ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡାଘାଟ ଲୌହ ଖଣି ତରଫରୁ ଖଣି ପରିଚାଳକ ସୁଭାଷ ଚନ୍ଦ୍ର ପ୍ରଧାନ, ଅଜୟ କୁମାର କର, ଅଞ୍ଜନ କୁମାର ଲେଙ୍କା, ସମୀରରଞ୍ଜନ ଦାସ, ତାପସ ରାୟ, ରାମେଶ୍ୱର ପାଇକରାୟ, ଏସ.ଏସ ସାହୁ, ସୁରେନ୍ଦ୍ର ଯୋଗୀ ଓ ବିଷ୍ଣୁ ଶର୍ମା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କୋଇଲା ଖଣି ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଏନ୍‌ଟିପିସି ପରିଦର୍ଶନ





ଡୁଲଙ୍ଗା ଟ୍ରାନଜିଟ କ୍ୟାମ୍ପକୁ ଉଦ୍‌ଘାଟନ ଓ ବାଉଁଶ ଶିଳ୍ପ ପ୍ରଶିକ୍ଷଣର ଉଦ୍‌ଘାଟନୀ କାର୍ଯ୍ୟକ୍ରମ।

ସୁନ୍ଦରଗଡ଼,୮।୪(ଡି.ଏନ.ଏ.)

ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କୋଇଲା ଖଣି) ପାର୍ଥା ମଜୁମଦାର ଶୁକ୍ରବାର ଏନ୍‌ଟିପିସି ଡୁଲଙ୍ଗା ପରିଦର୍ଶନ କରିଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କୁ ଏନ୍‌ଟିପିସି ଡୁଲଙ୍ଗା ପ୍ରୋଜେକ୍ଟ ହେଡ୍ ନୀରଜ ଜାଲୋଟା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଆଞ୍ଚଳିକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (କୋଇଲା ଖଣି) ଡୁଲଙ୍ଗା ଖଣି ପରିଦର୍ଶନ କରି ଏହାର କାର୍ଯ୍ୟଦକ୍ଷତା ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ ସେ ଡୁଲଙ୍ଗା ଟ୍ରାନଜିଟ କ୍ୟାମ୍ପକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପ୍ରୋଜେକ୍ଟ ହେଡ, ଏନ୍‌ଟିପିସି ଦୁଲଙ୍ଗା, ସୋମା ବାନ୍ଦୋପାଧ୍ୟାୟ, ପ୍ରୋଜେକ୍ଟ ହେଡ, ଏନଟିପିସି ତଲାଇପାଲ୍ଲୀ ଏବଂ କୋଇଲା ଖଣି ମୁଖ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହିତ ବାଉଁଶ ଶିଳ୍ପ ପ୍ରଶିକ୍ଷଣର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ମଧ୍ୟ ଏନ୍‌ଟିପିସି ଡୁଲଙ୍ଗାର ପୁନର୍ବାସ ଏବଂ ଥଇଥାନ ନିର୍ମାଣ କଲୋନୀରେ ଆୟୋଜିତ ହୋଇଥିଲା। ସ୍ୱୟଂ ସିଦ୍ଧ ମହିଳା ସମିତିର ଅଧ୍ୟକ୍ଷା ମହୁଆ ମଜୁମଦାର ଏହି ତାଲିମ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହିଳା ଅଂଶଗ୍ରହଣକାରୀଙ୍କ ସହ କଥାବାର୍ତ୍ତା କରିଥିଲେ। ଉଦ୍‌ଘାଟନ ପରେ ଗାଁରେ ମଶା ଜନିତ ରୋଗର ପ୍ରସାରଣକୁ ରୋକିବା ପାଇଁ ଏକ ମଶା ନେଟ ବଣ୍ଟନ ଅଭିଯାନ ମଧ୍ୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରେରଣା ଲେଡିସ କ୍ଲବର ଅଧ୍ୟକ୍ଷା ଜ୍ୟୋତି ଜାଲୋଟା ଯୋଗଦେଇଥିଲେ। ଅତିଥି ଏବଂ ସଦସ୍ୟମାନଙ୍କ ଦ୍ୱାରା ବୃକ୍ଷରୋପଣ ଅଭିଯାନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

